ଧରିତ୍ରୀ
DHARITRI
June 19-25, 2022 ₹2/-

# ଛୁଟିଦିନ



# ବାପା

ଶ୍ରଦ୍ଧା ଓ ଭଲପାଇବାର ସଶକ୍ତ ଉଚ୍ଚାରଣ ବାପା।
ତାଙ୍କୁ ଜାଣିହୁଏ ସିନା ଜଣେଇ ହୁଏନି। ସନ୍ତାନ
ପାଇଁ ସମସ୍ତଙ୍କ ସହ ଲଢ଼ିବାର ସାହସ ରଖୁଥିବା
ମଣିଷ କେବଳ ବାପା ହିଁ ହୋଇପାରନ୍ତି...

ପ୍ରଚ୍ଛଦ ପ୍ରସଙ୍ଗ ୩

## ସଫଳତାର କାହାଣୀ

୫ ହୋଟେଲ ମ୍ୟାନେଜ୍‌ମେଣ୍ଟ




# କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଚାହୁଁଥିଲେ

**କାର୍ଯ୍ୟକ୍ଷେତ୍ରରେ ଉନ୍ନତି କରିବାକୁ କାହାର ବା ଇଚ୍ଛା ନୁହେଁ। ହେଲେ ବେଳେବେଳେ କୌଣସି କାରଣ ବଶତଃ ସବୁ ଠିକ୍ ଥାଇ ବି ସୁଯୋଗ ହାତରୁ ଖସିଯାଏ। ଏଭଳି ସମସ୍ୟାରୁ କିପରି ମୁକ୍ତି ପାଇହେବ ଆସନ୍ତୁ ଜାଣିବା ସେ ନେଇ କେତୋଟି ବାସ୍ତୁ ଟିପ୍ସ...**

* ଯେଉଁମାନେ ନୂଆ ନୂଆ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇଛନ୍ତି କିମ୍ୱା ବ୍ୟବସାୟ କରି ବାରମ୍ବାର କ୍ଷତି ସହି ଚାଲିଛନ୍ତି, ସେମାନେ ଚାହିଁଲେ ଅଫିସ୍‌ରେ ତାଙ୍କ ସିଟ୍ ପଛପଟ କାନ୍ଥରେ ପାହାଡ଼ର କୌଣସି ଫଟୋ ଲଗାଇପାରିବେ। ଉଚ୍ଚ ପାହାଡ଼ର ଫଟୋ ଲଗାଇବା ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ବାସ୍ତୁଶାସ୍ତ୍ରରେ ବାମ୍ବୋ ପ୍ଲାଣ୍ଟକୁ ଶୁଭ ବୋଲି ଧରାଯାଇଥାଏ। କୁହାଯାଏ,



ଏହାଦ୍ୱାରା ଧନ ଲାଭ ହେବା ସହ ଅଫିସ୍‌ରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ। ବ୍ୟବସାୟରେ ଉନ୍ନତି ପାଇଁ ବି ଅଫିସ୍‌ରେ ବାମ୍ବୋ ପ୍ଲାଣ୍ଟ ଲଗାଇପାରବେ।

* ମନି ପ୍ଲାଣ୍ଟକୁ ଧନପ୍ରାପ୍ତିର ପ୍ଲାଣ୍ଟ ବୋଲି କୁହାଯାଇଥାଏ। ଯଦି ବ୍ୟବସାୟରେ ବାରମ୍ବାର କ୍ଷତି ହେଉଥାଏ, ଅଫିସ୍ ଟେବୁଲ୍ ଉପରେ ଗୋଟିଏ ମନି ପ୍ଲାଣ୍ଟ ରଖିବା ସହ ଏହାର ସଫାସୁତୁରା ପ୍ରତି ଯଥେଷ୍ଟ ଧ୍ୟାନ ଦେଲେ ବ୍ୟବସାୟରେ ଲାଭ ହେବା ସହିତ କାମ କରିବାକୁ ଇଚ୍ଛା ହୋଇଥାଏ।

* ଅଫିସ୍ ଟେବୁଲ୍ ଉପରେ ଫିଟିକିରି ହେଉ ଅବା ଶ୍ରୀଯନ୍ତ୍ର କିମ୍ୱା କ୍ରିଷ୍ଟାଲ୍ ବଲ୍ ରଖିଲେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ହେବା ସହ ଅଫିସ୍ ବାତାବରଣ ସର୍ବଦା ଶାନ୍ତିପୂର୍ଣ୍ଣ ରହିଥାଏ।

* ଧ୍ୟାନ ଦେବେ, ଅଫିସ୍‌ର କୌଣସି ଆସବାବପତ୍ର, କବାଟ, ଝରକା ଆଦି ଭଙ୍ଗାରୁଜା ହୋଇ ନଥିବ କିମ୍ୱା ଏହାକୁ ବ୍ୟବହାର କରିବା ସମୟରେ ଏଥିରୁ ଶବ୍ଦ ବାହାରୁ ନଥିବ। କାରଣ ଏହା କାର୍ଯ୍ୟକ୍ଷେତ୍ରରେ ନକାରାତ୍ମକ ଉର୍ଜା ଉତ୍ପନ୍ନ କରିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୯-୨୫

**ମେଷ**
ନୂତନବନ୍ଧୁ ସମ୍ପର୍କ, ପାରିବାରିକ ସ୍ୱୀକୃତି, ମନୋରଞ୍ଜନର ମଉକା, ବୃତିଗତ ସଫଳତା, ସଭାସମିତିରୁ ସମ୍ମାନ, ସହକର୍ମୀଙ୍କ ପରାମର୍ଶ, ଶତ୍ରୁତାର ଅବସାନ, ଗୁରୁଦାୟିତ୍ୱ ସମ୍ଭାଳିବେ, ବିବାଦରେ ପଶନ୍ତୁନି ॥

**ବୃଷ**
କର୍ମଜଞ୍ଜାଳ ବୃଦ୍ଧି, ସଫଳତାରେ ଆନନ୍ଦ, ଆର୍ଥିକ ଦୂରବସ୍ଥା, ସମ୍ପତି ପାଇଁ ଟଣାଓଟରା, ଅନ୍ୟଦ୍ୱାରା ପ୍ରଭାବିତ, ଭୁଲ କାମ କରିପାରନ୍ତି। ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ସାମାଜିକ ସ୍ତରରେ ସମ୍ମାନ, ମିତ୍ରତା ବନ୍ଧନରେ ଆବଦ୍ଧ ॥

**ମିଥୁନ**
ଶାରୀରିକ ଅସୁସ୍ଥତା, ଗସ୍ତ ବାତିଲ୍ ହେବ, ଭୁଲ୍ ବୁଝାମଣାରୁ ସନ୍ଦେହ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସତ୍‌ସଙ୍ଗର ସୁଯୋଗ, ସମସ୍ୟା ସମାଧାନ, ସ୍ଥଗିତ କାମକୁ ପୂରା କରିବେ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ବନ୍ଧୁପ୍ରସ୍ତାବ ସ୍ଥିର ହେବ ॥

**କର୍କଟ**
ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପରାମର୍ଶ, ଋଣଗ୍ରସ୍ତ ହୋଇପାରନ୍ତି, ଜମିଜମା ବିବାଦ, ପଡୋଶୀଙ୍କ ସ୍ୱାର୍ଥପରତା, ଦ୍ରବ୍ୟ ନଷ୍ଟ ହୋଇପାରେ, ଉଚ୍ଚବର୍ଗଙ୍କ ସମାଲୋଚନା, ଧର୍ମଚର୍ଚ୍ଚାରେ ଅଭିରୁଚି, ପ୍ରିୟବନ୍ଧୁଙ୍କ ସାନ୍ନିଧ।

**ସିଂହ**
ବିବାଦୀୟ ଚିନ୍ତା, ଶତ୍ରୁତାର ମୁକାବିଲା, ଗାଡି ମରାମତି, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ସହକର୍ମୀଙ୍କ ବିରୋଧ, ପ୍ରତୀକ୍ଷିତ ଖବରପ୍ରାପ୍ତି, ବ୍ୟବସାୟ ସଙ୍କୁଚିତ ହେବ, ଅତିଥି ଚର୍ଚ୍ଚାରୁ ଆନନ୍ଦ, କଳା ସାହିତ୍ୟରେ ଉନ୍ନତି, ଉଚ୍ଚଶିକ୍ଷା ପ୍ରତି ଆଗ୍ରହ, ଭ୍ରମଣ ହେତୁକ କ୍ଳାନ୍ତି ॥

**କନ୍ୟା**
ଉନ୍ନତ ଚିନ୍ତା, ପରିସ୍ଥିତି ଭଲ ରହିବ, କଳାପ୍ରିୟ ହେବେ, ବନ୍ଧୁ ସହଯୋଗ ମିଳିବ, ନିର୍ମାଣର ପୂର୍ଣ୍ଣାଙ୍ଗତା, ନୂତନ ପ୍ରକଳ୍ପାରମ୍ଭ, ପରିବାରରେ ଉଚ୍ଚବାଚ୍, ବିବାଦୀୟ ପରିସ୍ଥିତି, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ସହକର୍ମୀଙ୍କ ଉଦାରତା ॥

**ତୁଳା**
ସହକର୍ମୀଙ୍କ ବିରୁଦ୍ଧାଚରଣ, ବନ୍ଧୁମିଳନରେ ବିତର୍କ, ଅଧସ୍ତନଙ୍କ ଅସହଯୋଗ, ଯାତ୍ରାର ପ୍ରସ୍ତୁତି, ଯାନ୍ତ୍ରିକତ୍ରୁଟିରୁ ଯାତ୍ରା ବିଳମ୍ବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, ଭ୍ରାତୃବର୍ଗରେ ଅଶାନ୍ତି, ପ୍ରତିଦ୍ୱନ୍ଦିତାରେ ବିଜୟ, ଋଣ ପରିଶୋଧ କରିବେ ॥

**ବିଛା**
ଅଭିମାନ ଦୂର ହେବ, ବନ୍ଧୁତ୍ୱ ସୁଦୃଢ ହେବ, ସ୍ଥିର ସିଦ୍ଧାନ୍ତ ନେବେ, ଧର୍ମକାର୍ଯ୍ୟ କରିବେ, ଆତ୍ମୀୟଙ୍କ ସହଯୋଗ, ସ୍ତ୍ରୀଙ୍କ ପ୍ରେରଣା, ଶୁଭ ଖବରପ୍ରାପ୍ତି, ଭ୍ରମଣ ସୁଯୋଗରୁ ଆନନ୍ଦ, ରୋଗପୀଡା ହ୍ରାସ, ବାଣିଜ୍ୟର ଅଭିବୃଦ୍ଧି ॥

**ଧନୁ**
ମାନସିକ ଅଶାନ୍ତି, ବନ୍ଧୁଙ୍କ ପକ୍ଷପାତିତା, ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ନିର୍ମାଣରୁ ବିବାଦ, ସନ୍ଦେହ ଘେରରେ ପଡିପାରନ୍ତି, ପ୍ରଶାସନିକ ତତ୍ପରତା, ବ୍ୟବସାୟିକ ଉତ୍କର୍ଷ, ପରିବହନରେ ଝଗଡା, ବୁଝାମଣାରେ ଉନ୍ନତି ॥

**ମକର**
ଶାରୀରିକ ଅସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ବନ୍ଧୁ ମିଳନ, ନୂତନ ସମ୍ପର୍କ ସୃଷ୍ଟି, ବୃତିଗତ ସଫଳତା, ଧନ୍ଦାମୂଳକ ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ଋଣ ପରିଶୋଧ କରିବେ, ସହମତିରେ କାର୍ଯ୍ୟାରମ୍ଭ, ଅପ୍ରିୟସତ୍ୟରୁ ବିବାଦ ॥

**କୁମ୍ଭ**
ପାରିବାରିକ ସହଯୋଗ, ଉପରିସ୍ଥଙ୍କ ଚାପ, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ମାତୃବର୍ଗରେ ପୀଡା, ବିବାଦର ସମାଧାନ, ଭୁଲ୍ ଖବରରୁ ବ୍ୟସ୍ତତା, ମାନସିକ ଅବସାଦ, ପଦମର୍ଯ୍ୟାଦା ବୃଦ୍ଧି, ନିଯୁକ୍ତି ସୂଚନା, ଅଶୌଚ ଖବରପ୍ରାପ୍ତି ॥

**ମୀନ**
ଆରୋଗ୍ୟ ଲାଭ, ମାନସିକ ଶାନ୍ତି, ପାରିବାରିକ ଆଲୋଚନା, ମାଙ୍ଗଳିକ କାମର ପ୍ରସ୍ତୁତି, ଆତ୍ମୀୟଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରୁ ସମ୍ମାନ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ରଚନାତ୍ମକ କାମରୁ ପ୍ରଶଂସା, ଗବେଷଣାରେ ସଫଳତା, କ୍ରୀଡା ଚଳଚ୍ଚିତ୍ରରୁ ପ୍ରଶଂସା ॥

# ଏନ୍‌ଗେଜ୍‌ମେଣ୍ଟ ପିୟରସିଂ

ପିୟରସିଂର ଟ୍ରେଣ୍ଡ ତ ବହୁ ଆଗରୁ ଆରମ୍ଭ ହୋଇସାରିଛି। କିନ୍ତୁ ଏବେ ଏନ୍‌ଗେଜ୍‌ମେଣ୍ଟ ପିୟରସିଂ ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି। ଏହାକୁ କେହି କେହି ଏନ୍‌ଗେଜ୍‌ମେଣ୍ଟ ରିଂ ପିୟରସିଂ, ୱେଡିଂ ରିଂ ପିୟରସିଂ ଅବା କେବଳ ଫିଙ୍ଗର୍ ପିୟରସିଂ ବୋଲି ବି କହିଥାନ୍ତି। ଏଥିରେ ଏନ୍‌ଗେଜ୍‌ମେଣ୍ଟ ବା ନିର୍ବନ୍ଧ ଦିନ ପୁଅଝିଅ ଉଭୟ ଉଭୟଙ୍କୁ ଆଉ ମୁଦି ନ ପିନ୍ଧାଇ ତା' ବଦଳରେ ସେମାନେ ଆଙ୍ଗୁଠିରେ ରିଙ୍ଗ୍ ପିୟରସିଂ କରାଇଥାନ୍ତି। ଏହି ପିୟରସିଂ ପ୍ରାୟତଃ ମାଇକ୍ରୋ ଡର୍ମାଲ ପିୟରସିଂ ପରି, ଯାହାକୁ ମୁଖ୍ୟତଃ କଲାର୍ ବୋନ୍, ପିଠି, ଏବଂ ଗାଲରେ କରାଯାଇଥାଏ। କିନ୍ତୁ ଏନ୍‌ଗେଜ୍‌ମେଣ୍ଟ ପିୟରସିଂକୁ କେବଳ ହାତ ଆଙ୍ଗୁଠିରେ କରାଯାଇଥାଏ। ବିଶେଷକରି ରିଂ ଫିଙ୍ଗର୍‌ରେ ଏହାକୁ ଦମ୍ପତିମାନେ କରିଥାନ୍ତି। ଏଥିରେ ଦୁଇ ପ୍ରକାରର ମେଟାଲ୍ ବ୍ୟବହାର କରାଯାଏ। ଗୋଟେ ଆଙ୍ଗୁଠିର ଚମଡା ଭିତରେ ରୁହେ, ଯେଉଁଥିରେ ସ୍ୱତନ୍ତ୍ର ଧରଣର ଏକ ପେଚ ଲାଗିଥାଏ। ଅନ୍ୟଟି ହେଉଛି ମେଟାଲ୍ ଷ୍ଟଡ୍ ବା ଷ୍ଟୋନ୍, ଯାହା ବାହାରକୁ ଦେଖାଯାଇଥାଏ। ପ୍ରଥମେ ଆଙ୍ଗୁଠିର ଚମଡ଼ାକୁ ଛିଦ୍ର କରି



ତା'ମଧରେ ପେଚକୁ ଭର୍ତ୍ତି କରାଯାଏ, ପରେ ମେଟାଲ୍ ଷ୍ଟଡ୍ ବା ଷ୍ଟୋନ୍‌କୁ ଉକ୍ତ ପେଚରେ ପୂରାଇ ଟାଇଟ୍ କରାଯାଇଥାଏ। ତେବେ ଏହି ପିୟରସିଂ କରାଇବା ଖୁବ୍ କଷ୍ଟଦାୟକ ହୋଇଥିଲେ ବି ମନର ମଣିଷ ଆଗରେ ନିଜର ଭଲ ପାଇବାକୁ ପରିପ୍ରକାଶ କରିବାର ଏହା ଏକ ଭିନ୍ନ ମାଧମ ଭାବେ ଏବେ ଖୁବ୍ ଚାଲିଛି।

## ପାଠକୀୟ

*ପାଟଶାଢ଼ି କେବଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ଆମ ଚଳଣି ଓ ପରମ୍ପରାରେ ଏହାର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ମଧ୍ୟ ରହିଛି। ଭାରତର ବିଭିନ୍ନ ରାଜ୍ୟରେ ରହିଛି ଭିନ୍ନ ଭିନ୍ନ ପ୍ରକାରର ପାଟଶାଢ଼ି। ସେଥିମଧ୍ୟରେ ଓଡ଼ିଶାର ରେଶମ ସହର ଭାବେ ପରିଚିତ ବ୍ରହ୍ମପୁର ପାଟଶାଢ଼ିର ସ୍ୱତନ୍ତ୍ରତା ବାରି ହୋଇପଡ଼େ। ତେଣୁ ଏଭଳି ଏକ ସ୍ୱତନ୍ତ୍ର ବିଷୟକୁ ନେଇ ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ରେଶମ ସହର ଶାଢ଼ି'ଟି ବେଶ୍ ମନଛୁଆଁ ହୋଇପାରିଥିଲା। 'ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟ' ଏବଂ 'କଦଳୀର ଉପକାରିତା' ପାଠଟିରୁ ବହୁ ଅଜଣା କଥା ଜାଣିହେଲା।

*–ଲିଜାଲିନ୍ ପଣ୍ଡା, ବଡ଼ଶଙ୍ଖ, ପୁରୀ*

*ଭାରତୀୟ ନାରୀଙ୍କ ଏକ ପ୍ରିୟ ପରିଧାନ ହେଉଛି ଶାଢ଼ି। ତେବେ ଦେଶର ପ୍ରତ୍ୟେକ ରାଜ୍ୟର ହସ୍ତତନ୍ତ ଶାଢ଼ି ଭିନ୍ନ ଭିନ୍ନ ହୋଇଥିବାବେଳେ ପାଟର ରହିଛି ସ୍ୱତନ୍ତ୍ର ମର୍ଯ୍ୟାଦା। ଖାସ୍‌କରି ବ୍ରହ୍ମପୁର ପାଟଶାଢ଼ିର ସୌନ୍ଦର୍ଯ୍ୟ ଟିକେ ଭିନ୍ନ ଲାଗିଥାଏ। ତେଣୁ ଓଡ଼ିଶାର ରେଶମ ସହର ଭାବେ ପରିଚିତ ବ୍ରହ୍ମପୁର ପାଟଶାଢ଼ି ସମ୍ପର୍କରେ ଏଥରର ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ବେଶ୍ ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ୱାନ୍ ଶୋଲ୍ଡର ଟପ୍ସ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*–ନମ୍ରତା ପାଣିଗ୍ରାହୀ, ସମ୍ବଲପୁର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଓଡ଼ିଆ ଶିଳ୍ପୀ ପ୍ରଦୋଷ ସ୍ୱାଇଁଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରୁ 'ରଙ୍ଗ ତୂଳୀ' ନାମକ ଗପଟି ପଢିଲି, ଭାରୀ ମନଛୁଆଁ ହୋଇଥିଲା ଲେଖାଟି। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ନାଟ୍ୟ ଅଭିନେତା, ନିର୍ଦ୍ଦେଶକ ତଥା କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ୍‌ର ବନଖଣ୍ଡ ଅଧିକାରୀ ଅଜିତ୍ ଶତପଥୀଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ହୃଦୟସ୍ପର୍ଶୀ ଲାଗୁଥିଲା। *–ରାଜେଶ୍ୱରୀ ସାହୁ, ଝାରସୁଗୁଡ଼ା*

* 'ଅଜବ ଜିନ୍ସ' ଫ୍ୟାଶନ ସତରେ ଏକ ନିଆରା ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ତନୁଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ଅନନ୍ୟ ଶୈଳନିବାସ ସାପୁତାରା ସମ୍ପର୍କରେ ସହର ପୃଷ୍ଠାରୁ ପଢି ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଶୋଇବେ ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣି' ନାମକ ପାଠଟି ଏକ ଅଜବ ଆଲେଖ୍ୟ ଥିଲା।

*–ମହାମାୟୀ ତ୍ରିପାଠୀ, ରାଣୀହାଟ, କଟକ*

*ଏଥରର ବ୍ୟଙ୍ଗ 'ଅଖା ନାହିଁ କି ବିରି ନାହିଁ' ଏକ ମନଛୁଆଁ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଚମତ୍କାରୀ କାରିଗରୀ', 'ଚାରିକୋଣିଆ ଗଛର ଉପତ୍ୟକା', 'ଇଲାଷ୍ଟିକ୍ ପରି କାନ' ଆଦି ପାଠଗୁଡ଼ିକ ଯେତିକି ମଜାଦାର୍ ଲାଗୁଥିଲା ସେତିକି ଆଶ୍ଚର୍ଯ୍ୟକର ବି ଥିଲା।

*–ସୁକାନ୍ତି ସ୍ୱାଇଁ, ଜଙ୍କିଆ, ଖୋର୍ଦ୍ଧା*

## ବିଶେଷ ଚିଠି



ଧରିତ୍ରୀର ତୁମେ ପୁନେଇଁ ଜହ୍ନ
ନାମଟି ତୁମର ଅଟେ ଛୁଟିଦିନ।
ଷୋହଳ ପୃଷ୍ଠାରେ ତୁମ ଦେହ ଗଢ଼ା
ନ ପଢିଲେ ତୁମକୁ ଲାଗେ ଚିଡ଼ିଚିଡ଼ା।
କେତେ ନୂଆ କଥା ନେଇ ତୁମେ ଆସ
ସଭିଙ୍କୁ ସ୍ନେହରେ କରିନିଅ ବଶ।
ହେ ମୋର ପ୍ରିୟ ଛୁଟିଦିନ
ଜୟ ଜୟକାର ହେଉଥାଉ ତୁମର ସବୁଦିନ।

**–ଅଶୋକ ମହାନ୍ତି,**
**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ବାପା




**ଶ୍ରଦ୍ଧା ଓ ଭଲ ପାଇବାର ସଶକ୍ତ ଉଚ୍ଚାରଣ ବାପା। ତାଙ୍କୁ ଜାଣିହୁଏ ସିନା ଜଣେଇ ହୁଏନି। ସନ୍ତାନ ପାଇଁ ସମସ୍ତଙ୍କ ସହ ଲଢ଼ିବାର ସାହସ ରଖୁଥିବା ମଣିଷ କେବଳ ବାପା ହିଁ ହୋଇପାରନ୍ତି...**

ତାଙ୍କୁ ଜାଣି ହୁଏ ହେଲେ ଜଣେଇ ହୁଏନି। ତାଙ୍କ କାଖରେ ଥାଇ ଜହ୍ନକୁ ତୋଳିବାର ଜିଦ୍ ଆସେ। ତାଙ୍କ କାନ୍ଧରେ ବସି ଆକାଶକୁ ହାତ ବଢ଼େଇ ହୁଏ। ଦୁନିଆର ସବୁ ଭୟଙ୍କର ଶକ୍ତିକୁ ପରାସ୍ତ କରିବାର ସାହସ ଓ ବଳ ଅଛି ତାଙ୍କର। ସେ ବାପା। ବାପାଙ୍କ ପାଇଁ କେବଳ ବାପା ଶବ୍ଦଟି ହିଁ ବିଶାଳ, ଯେହେତୁ ପିତୃତ୍ୱର ଅନୁଭବରେ ତିଆରି ହୋଇଥାଏ ବାପାଙ୍କ ଶରୀର। ପିତୃତ୍ୱ ଏକ ଭାର ନୁହେଁ ବରଂ ଅସ୍ତିତ୍ୱର ସମ୍ପ୍ରସାରଣ। ଦାୟିତ୍ୱର ଚାପରେ ନଇଁ ଯାଏନି ପିତୃତ୍ୱ ବରଂ ସନ୍ତାନର ସମ୍ଭାବନାକୁ ଫୁଟେଇବାରେ ନିଜକୁ ନିଃଶେଷ କରି ତୃପ୍ତିର ହସ ଫୁଟାଉଥିବା ବ୍ୟକ୍ତି ହିଁ ଯଥାର୍ଥ ପିତା। ମା' ସିନା ଦଶ ମାସ ଗର୍ଭରେ ଧାରଣ କରେ ଶିଶୁକୁ ହେଲେ ବାପା ଶିଶୁଟି ପାଇଁ ସ୍ୱପ୍ନ ଖଞ୍ଜୁଥାନ୍ତି ସେହି ସମୟତକ ନିଜ ଦାୟିତ୍ୱବତ୍ତାରେ। ମା'ବାପା ମିଶି ପିଲାଙ୍କ ଡେଣା ଗଜୁରେଇବାରେ ବିତେଇ ଦିଅନ୍ତି ସମୟ। ସେମାନଙ୍କ ଖଣ୍ଡିଉଡ଼ା ଦେଖି ମୁଗ୍ଧ ହେଉ ହେଉ ପାସୋରିଯାଆନ୍ତି ନିଜ ଉଡିବା। ଆଉ ତା'ର ଡେଣାକୁ ବଳ ଯୋଗେଇବା ପାଇଁ ଖଟି ଖଟି ନିଜକୁ ମିଶେଇ ଦିଅନ୍ତି ମାଟିରେ। ସତରେ କ'ଣ ସେ ଶାବକଟି, ସନ୍ତାନଟି ବୁଝିପାରେ ପିତୃତ୍ୱର ଏ ଅବିଜ୍ଞପିତ ତ୍ୟାଗ? ବଡ଼ ହୋଇ ଏହି ସଂସାରରେ ଟାଣ କରି ପାଦ ଥାପିଲାବେଳେ ସତରେ କ'ଣ ସନ୍ତାନମାନେ କେବେ ଭାବିପାରନ୍ତି ସେମାନଙ୍କ ସାମର୍ଥ୍ୟ ପଛରେ ଥିବା ପିତାଙ୍କ ଅକ୍ଳାନ୍ତ ଉଦ୍ୟମ?

**ଆଜି ବି କେହି ନନାଙ୍କ ନାଁରେ ମୋ ପରିଚୟ ଦେଲେ ମନ ଖୁସି ହୋଇଯାଏ:** ହିରଣ୍ମୟୀ ମିଶ୍ର (ସାହିତ୍ୟିକା)

ପଣ୍ଡିଚେରୀ ଯାଇଥିଲି କେତେଜଣ ସାଙ୍ଗଙ୍କ ସହ କୋଭିଡ୍ ସମୟ ପୂର୍ବରୁ, ୨୦୨୦ ଜାନୁୟାରୀରେ। ବିଶିଷ୍ଟ ଲେଖକ ମନୋଜ ଦାସଙ୍କୁ ଦେଖା କରିବାକୁ ତାଙ୍କ ଘରକୁ ଯାଇଥିଲୁ। ଦେଖୁ ଦେଖୁ ସେ କହିଲେ, ''ପୂରା ମଦନବାବୁଙ୍କ ଭଳି ମୁହଁ ଓ ହସ ତମର। ମୋ ବନ୍ଧୁଙ୍କ କନ୍ୟା, ତେଣୁ ମୋର ବି କନ୍ୟା।'' ଭାରି ଖୁସି ହେଇଗଲି ମୁଁ। ମୋ ବାପା ଯାହାଙ୍କୁ ମୁଁ ନନା ବୋଲି ଡାକେ, ଶ୍ରୀଯୁକ୍ତ ମଦନ ମୋହନ ମିଶ୍ର ଖୁବ୍ ପ୍ରତିଷ୍ଠିତ ମଣିଷ ଥିଲେ। ସେ ତାଙ୍କର ଉପନ୍ୟାସ ''ବହ୍ନି ବଳୟ'' ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। କିନ୍ତୁ ସବୁଠୁ ବଡ଼ କଥା ଯେ ସେ ଜଣେ ସାହିତ୍ୟିକ ଭଳି ବଞ୍ଚିଥିଲେ। ତାଙ୍କର ଖୋଲା ହସ, ସମସ୍ତଙ୍କୁ ଭଲ ପାଇବା ଓ ଜ୍ଞାନଗର୍ଭକ ଆଲୋଚନା ଏବଂ ସମ୍ବେଦନଶୀଳ ହୃଦୟ ତାଙ୍କୁ ସବୁଠି ପ୍ରିୟପାତ୍ର କରି ପାରୁଥିଲା। ସେ ସମୟର ପ୍ରାୟ ସବୁ ସାହିତ୍ୟିକ ଓ ଶିକ୍ଷାବିତ୍‌ମାନଙ୍କ ସହ ତାଙ୍କର ସମ୍ପର୍କ ଥିଲା। ଦୀର୍ଘବର୍ଷ ଧରି ଅଧ୍ୟକ୍ଷ ଥିଲେ ବି ସେ ଶ୍ରେଣୀ ଗୃହରେ ପାଠ ପଢେଇବାକୁ ଯେମିତି ଭଲ ପାଉଥିଲେ, ସାଂସ୍କୃତିକ ଅନୁଷ୍ଠାନ ସବୁରେ ସେତିକି ସକ୍ରିୟ ଥିଲେ। ମୋ ନନାଙ୍କ ବିୟୋଗ ପରେ ଯେଉଁ ସ୍ମୃତିସଭା ହେଇଥିଲା, ସେଥିରେ ଆମ ପରିବାରର ସମ୍ପୂର୍ଣ୍ଣ ଅପରିଚିତ ତାଙ୍କର ଅନେକ ଛାତ୍ର, ସହକର୍ମୀ ଓ ପରିଚିତମାନେ ନିଜେ ନିଜେ ଆସି ନନାଙ୍କ ସହ ତାଙ୍କ ପରିଚୟ ଓ ସମ୍ପର୍କର କଥା କହିଥିଲେ। ମୋ ନନା ମୋର ସବୁଠୁ ପ୍ରିୟ ମଣିଷ। ଜୀବନ ବଞ୍ଚିବାର କଳା ସେ ମତେ ଶିଖେଇଛନ୍ତି। ଯେତେ କଷ୍ଟରେ ଥିଲେ ବି ହସି ହସି ଜୀବନକୁ ସାମ୍ନା କରିବାକୁ ସେ ମତେ ଶିଖେଇଛନ୍ତି। ଆଜି ବି କେହି କେହି ନନାଙ୍କ ନାଁରେ ମୋର ପରିଚୟ କରିଦେଲେ ମୋର ମନ ଖୁସି ହୋଇ ଯାଏ। ଏବେ ଦୁଇ ଦିନ ତଳେ ଭଞ୍ଜ କଳାମଣ୍ଡପରେ ଗୋଟିଏ ସାହିତ୍ୟ ସଭାରେ କବି ପ୍ରସନ୍ନ ପାଟ୍ଟଶାଣୀ ସମସ୍ତଙ୍କୁ ବାରମ୍ବାର କହୁଥାନ୍ତି ଯେ ''ହିରଣ୍ମୟୀ ପ୍ରଫେସର ମଦନ ମୋହନ ମିଶ୍ରଙ୍କର କନ୍ୟା। ତାଙ୍କ ଭଳି ସାହିତ୍ୟ ସହ ଅଛି ସେ।''

→






ଏତିକି ଗୌରବ ନେଇ ମୁଁ ବଞ୍ଚିବାକୁ ଚାହେଁ । ମୋ ବାପାଙ୍କୁ ଆମେ ନନା ଡାକୁଥିଲୁ। ନନା ମତେ ଭାରି ଭଲ ପାଉଥିଲେ। ତାଙ୍କରି ଜନ୍ମ ମାସରେ ମୋର ଜନ୍ମ। ପୁଣି ଆମେ ପାଞ୍ଚ ଭାଇ ଭଉଣୀ ଭିତରେ ମୁଁ ହିଁ ତାଙ୍କ ଭଳି ଦେଖିବାକୁ । ଏମିତି ହେଲା ଯେ ତାଙ୍କ ଭଳି ମୁଁ ବି ଅଧ୍ୟାପନା ବୃତ୍ତିକୁ ଆସିଲି। ସାହିତ୍ୟରେ ଆଜି ଯାହା ବି ପରିଚୟ ମିଳିଛି, ସବୁ ନନାଙ୍କ ଆଶୀର୍ବାଦରୁ । ଘରେ ଆମର ଏତେ ବହି ଯେ ବହିର ପୃଥିବୀରୁ ମୁଁ ପ୍ରଥମେ ଜୀବନକୁ ଚିହ୍ନିଥିଲି। ମୋ ନନାଙ୍କର ଅଗାଧ ପାଣ୍ଡିତ୍ୟରୁ ମୁଁ ବିନ୍ଦୁଏ ବି ପାଇ ପାରିଲିନି। ତାଙ୍କ ମୁହଁରେ ଥିଲା ଅନେକ କବିତା, ଅନେକ ଶ୍ଳୋକ ଓ ଅନେକ ଗପ। ମୋର ମାଟ୍ରିକ ପରୀକ୍ଷା ବେଳକୁ ଟାଇଫଏଡ୍ ଜ୍ୱର ହେଇଗଲା ମତେ। ମୁଁ ବିକଳ ହେଇ ପଚାରିଲି 'ନନା, ମୁଁ ଆଉ ପରୀକ୍ଷା ଦେଇ ପାରିବିନି' ? ନନା ସେତେବେଳେ ରାତି ରାତି ଅନିଦ୍ରା ରହି ମୋ ମୁଣ୍ଡ ପାଖରେ ବସିଥାନ୍ତି। ହାତରେ ବହିଟିଏ ଥାଏ। ସାରା ରାତି ସେମିତି ଜଗି ବସିଥିବେ। କିନ୍ତୁ ମୋ ପ୍ରଶ୍ନରେ ସେ ବିଚଳିତ ନ ହେଇ କହିଲେ, '' ଜୀବନ ଏମିତି ପରୀକ୍ଷା ନେଉଛି ମା, ତୁ ବହୁ ଆଗକୁ ଯିବୁ। '' ମୁଁ ଖୁବ୍ କାନ୍ଦୁଥିଲି। କିନ୍ତୁ ନନାଙ୍କ କଥା ଶୁଣି ବିଶ୍ୱାସ ଆସିଲା ମନରେ। ନନାଙ୍କୁ ଯେତେ ବେଳେ ସବୁଠୁ ବେଶି ବୁଝିବାର ବୟସ ହେଲା, ସେତେବେଳେ ହିଁ ନିୟତି ଗୋଟେ ଅଲଂଘ୍ୟ ପ୍ରାଚୀର ଠିଆ କରେଇଲା । କେହି କାହାକୁ କିଛି ନ କହି ପାରି, ଅନେକ ଦିନ ନ ଦେଖି ପାରି କେବଳ ଝୁରି ହେଲୁ। ପୁଣି ନନା ମୋ ପାଖକୁ ଫେରିଲେ ତ, ଆଉ ସମୟ ନ ଥିଲା ତାଙ୍କ ପାଖରେ। ଜୀବନରେ ଗୋଟିଏ ବି ଦିନ ଯାଏନି, ଯେଉଁ ଦିନ ମୁଁ ମୋ ନନାଙ୍କୁ ମନେ ପକେଇନି। ଆଜି ବି ମତେ ଲାଗେ, ମୋ ନନା ଅପେକ୍ଷା କରିଥିବେ ମତେ, ଯେଉଁଠି ବି ଥିବେ।




ବାପାଙ୍କ ସହ
ହିରଣ୍ମୟୀ ମିଶ୍ର

## ବାପାଙ୍କ ଭରସା, ବିଶ୍ୱାସ ମୋ ପାଇଁ ଶକ୍ତି :

ଅନ୍ତର୍ଯ୍ୟାମୀ ପଣ୍ଡା (ଅଭିନେତା)




ବାପାଙ୍କ ସହ
ଅନ୍ତର୍ଯ୍ୟାମୀ ପଣ୍ଡା

ଆମ ପାଞ୍ଚ ଭାଇଙ୍କ ଭିତରେ ବାପା ପଦ୍ମନାଭ ପଣ୍ଡାଙ୍କର ମୁଁ ସବୁଠୁ ଅଧିକ ପ୍ରିୟ ଥିଲି କି ନା ସେକଥା କହି ପାରିବିନି। କିନ୍ତୁ ଏକଥା ନିହାତି ସତ ଯେ, ସମସ୍ତଙ୍କ ଭିତରେ ନନାଙ୍କର ମୋ ଉପରେ ଟିକେ ଭରସା ଓ ବିଶ୍ୱାସ ବେଶି ଥିଲା। ଆମ ଘର ବାଲେଶ୍ୱରର ଖନ୍ତାପଡ଼ାରେ। ଛୋଟବେଳୁ ଚିତ୍ର କରିବା, ମୂର୍ତ୍ତି ଗଢ଼ିବା, ନାଟକ କରିବା ଷ୍ଟେଜ୍ ସଜାଇବା ଏଇଥିରେ ମୋର ସଉକ। ଦିନେ ଆମ ଘରେ କାମ କରୁଥିବା ଜଣେ ଲୋକଙ୍କ ଘରେ ବସି ହାରମୋନିୟମ ବଜାଉଥିବା ଦେଖି ମୋ କକା(ଦାଦା) ବିରକ୍ତ ହୋଇ ଆସି ବାପାଙ୍କୁ କହିଲେ, କାହିଁକି ତାକୁ ମୁହଁ ଦଉଛ ? କିନ୍ତୁ ବାପା ଶୁଣି ଚୁପ୍ ରହିଲେ। ଅର୍ଥାତ୍ ବାପା ଏସବୁରେ ମତେ ନୀରବରେ ସମର୍ଥନ କରୁଥିଲେ। ମୁଁ ଚତୁର୍ଥ ପଞ୍ଚମରେ ପଢୁଥିବାବେଳେ ଆମ ଘରେ ଗଜଲକ୍ଷ୍ମୀ ପୂଜା ହୁଏ। କାରିଗର ଆସି ମୂର୍ତ୍ତି ତିଆରି କରନ୍ତି। ବାପା ସବୁ ଭାଇଙ୍କୁ ଶୋଇବାକୁ କହି ମତେ କହିବେ ଯା କାରିଗର ପାଖରେ ରହ। ସେ କେମିତି ମୂର୍ତ୍ତି ଗଢୁଛି ଦେଖ। ୧୯୭୮-୭୯ ମସିହା କଥା- ନାଟ୍ୟକାର ବିଜୟ ମିଶ୍ର ଯାଇଥାନ୍ତି ଆମଘର ପାଖ ଡାକ୍ତର ପଦ୍ମନାଥ ଆଚାର୍ଯ୍ୟଙ୍କ ପାଖକୁ। ଡାକ୍ତର ମୋ ବିଷୟରେ କହିଲେ ବିଜୟ ମିଶ୍ରଙ୍କୁ। ଆଉ ସେ ପରାମର୍ଶ ଦେଲେ ଓଡ଼ିଶା ସଙ୍ଗୀତ ନାଟକ ମହାବିଦ୍ୟାଳୟରେ ପଢ଼ିବା ପାଇଁ। ନନାଙ୍କୁ ଏକଥା କହିବାରୁ ବାପା କହିଥିଲେ, 'ତୁ ଯା' ପଢ଼। ତୋ ଉପରେ ମୋର ଭରସା ଅଛି। ' ମୁଁ ଆସି ଷ୍ଟେଜ୍ କ୍ରାଫ୍ଟ ବା ମଞ୍ଚ ସଜ୍ଜାରେ ପାଠ ପଢିଲି। ଆଉ କଲେଜର ଟପ୍ପର ବି ହେଲି। ଏଠାରେ କାମ କରିବା ସହ ୧୯୮୪- ୮୮ ମଧ୍ୟରେ ବମ୍ବେ ଯାଇ ରବି କିନାଗିଙ୍କ ସହ କାମ ବି କଲି। ବାପା ଥରେ କହିଥିଲେ ତୁ ଏଯେଉଁ ପାଠ ପଢିଲୁ ଏଥିରେ ସରକାରୀ ଚାକିରି କରି ହେବ ନାହିଁ ? ବାପାଙ୍କ କଥା ମନରେ ରଖି ସରକାରୀ ଚାକିରି ପାଇଁ ଆପ୍ଲାଏ କଲି ଓ ଏସ୍ଆଇଇଟିରେ ଜଏନ୍ ବି କଲି। ଏହାସହିତ ଅଭିନୟ ବି ଚାଲିଥାଏ। ଥରେ ବାପାଙ୍କୁ ଯାଇ କହିଲି ଏତେ ବଡ ନାଁ ଅନ୍ତର୍ଯ୍ୟାମୀ କାହିଁକି ରଖିଲ ? ଦୁଇ ତିନି ଅକ୍ଷରରେ ନାଁ ଦେଇଥିଲେ ଭଲ ଲାଗିଥାନ୍ତା। ବାପା ମତେ ଅନ୍ତର୍ଯ୍ୟାମୀ ନାଁ ରଖିବାର କାରଣ କହିବା ସହ କହିଲେ ନାଁରେ କ'ଣ ଅଛି ? ଦେଖି ନ ପାରୁଥିବା ଲୋକଙ୍କ ନାଁ ବି ତ୍ରିଲୋଚନ ଅଛି। ଦେଖ ମୁଁ ତତେ ଯେଉଁ ନାଁରେ ଡାକୁଛି(ପୁଣ୍ଟୁ) ସେହି ନାଁ ଯେ ଦିନେ ପ୍ରସିଦ୍ଧି ନ ଆଣି ଦେବ କିଏ କହିବ ? ବାପାଙ୍କ କଥା ସତ ହୋଇଥିଲା। ପୁଣ୍ଟୁ ନନାଙ୍କ ପେଟ ଯାତ୍ରା ବେଶ୍ ପ୍ରସିଦ୍ଧି ଆଣିଦେଲା। କିନ୍ତୁ ଦୁଃଖର କଥା ବାପା କିନ୍ତୁ ନ ଥିଲେ ତାଙ୍କ କଥାର ସତ୍ୟତାକୁ ଦେଖିବାକୁ। ମୋ ବାପା ମା' ମୋ ପାଇଁ ମହା ସମ୍ପତ୍ତି। ଆଜି ବି ପ୍ରତ୍ୟେକ ଥର ଷ୍ଟେଜ୍‌କୁ ଯିବା ପୂର୍ବରୁ ବାପାଙ୍କୁ ମନେ ପକାଏ। ତାଙ୍କର ମୋ ପାଇଁ ଥିବା ଭରସା, ବିଶ୍ୱାସ ମୋ ପାଇଁ ଶକ୍ତି ହୋଇଯାଏ। ଆଉ ସଫଳତାର ରାସ୍ତା ହୋଇଯାଏ।

## ଯେତିକି ଭଲ ପାଉଥିଲେ ସେତିକି ବିଶ୍ୱାସ କରୁଥିଲେ ବାପା– *ପିନାକୀ ମିଶ୍ର (କବି)*





ବାପାଙ୍କ ସହ
ପିନାକୀ ମିଶ୍ର

ମୋ ବାପା କବିଚନ୍ଦନ ପଣ୍ଡିତ ମଦନ ମୋହନ ମିଶ୍ର। ଧୋବ ଫରଫର ପଞ୍ଜାବି, ଶାନ୍ତିପୁରୀ ଧୋତିପିନ୍ଧା ଜଣେ ହସହସ ସରଳ ମଣିଷ। ମୋତେ ଲାଗେ କି ସେ କବି ହେବା ପାଇଁ ଯେମିତି ଜନ୍ମ ହୋଇଥିଲେ। ହାଇସ୍କୁଲ୍‌ର ସଂସ୍କୃତ ଶିକ୍ଷକ, ସେ ସମୟରେ ଅଳ୍ପ ଦରମା, ବଡ଼ କୁଟୁମ୍ବ, କେନ୍ଦୁଝର ପରି ବଣପାହାଡ ଘେରା ଗଡଜାତ ଅଞ୍ଚଳ, ତା'ରି ଭିତରେ ସାହିତ୍ୟ ସାଧନାକୁ ଜୀବନର ବ୍ରତ କରିଥିଲେ। ୧୯୨୭ ଅକ୍ଟୋବର ୧ ତାରିଖରେ ରାଜପୁରୋହିତ ପରିବାରର ବଡ଼ପୁଅ ହୋଇ ଜନ୍ମ ନେଇଥିଲେ। ବାପା ଏକାଧାରରେ ଥିଲେ ଜଣେ କବି, ଗାଳ୍ପିକ, ଆକାଶବାଣୀ ଗୀତିକାର, ପ୍ରାବନ୍ଧିକ, ଐତିହାସିକ, ତାଳପତ୍ର ପୋଥି ଉଦ୍ଧାରକ ଓ ମିଳନୀ ସାହିତ୍ୟ ସଂସଦର ସଭାପତି। ମୁଁ ସବାସାନ ପୁଅ। ଗତ ୨୦୨୧ ଡିସେମ୍ବର ୧୭ ତାରିଖରେ ବାପା ଦେହ ଛାଡିଲେ, ଥମିଗଲା ପାଦ, ପଡିଗଲା କଳାବତୀ ରାତିର କବାଟ। ତାଙ୍କର ପଠନ ସ୍ପୃହା ଅଧିକ ଥିଲା। ତାଳପତ୍ର ପୋଥି ବହୁତ ଅଧ୍ୟୟନ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ବାପାଙ୍କର ବହୁ କବିତା, ପ୍ରବନ୍ଧ, ଲଳିତନିବନ୍ଧ ଆଦି ଅନେକ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ ପଦ୍ମଶ୍ରୀ ହରମାନ୍ କୁଲ୍ କେ; ଯିଏକି ଜର୍ମାନ୍‌ର ଐତିହାସିକ ପ୍ରଫେସର୍ ବହୁବାର କେନ୍ଦୁଝର ଗସ୍ତରେ ଆସି ବାପାଙ୍କ ସହ ଐତିହାସିକ କୀର୍ତ୍ତିରାଜି, ଭଗ୍ନାବଶେଷ, ମଠ ମନ୍ଦିର ସବୁ ବୁଲିଛନ୍ତି। ସେତେବେଳେ କେନ୍ଦୁଝର ରାଜାଙ୍କର ଶିକ୍ଷାଗୁରୁ ଭାବେ ବାପା ବହୁ ବିଦ୍ୱାନ ପଣ୍ଡିତ ଅତିଥିମାନଙ୍କୁ ତଥ୍ୟ ପ୍ରଦାନରେ ସାହାଯ୍ୟ କରିଛନ୍ତି। କଳାବତରଣ, ରସହଂସୀ, ମଣିପଦ୍ମା, ଶୂନ୍ୟନୀଳ, ପଦ୍ମପଥିକ, ମେଘମାୟା ଇତ୍ୟାଦି କବିତା ପୁସ୍ତକର ସେ ହେଉଛନ୍ତି ରଚୟିତା। 'ମଦନ ମୋହନ କବିତା ସମଗ୍ର' ତାଙ୍କ କାବ୍ୟଯାତ୍ରାର ସାରସ୍ୱତ ଅର୍ଘ୍ୟ। ସେହିପରି କେନ୍ଦୁଝର ଭୂୟାଁ ବିଦ୍ରୋହର ଇତିହାସ ସମ୍ବନ୍ଧିତ ଧରଣୀ ବିପ୍ଳବ, ରତନାମେଳି, ଫକୀରମୋହନ ସେନାପତିଙ୍କ ଦେଓ୍ୱାନ୍ କାର୍ଯ୍ୟକାଳ ସମୟର ସତ୍ୟଘଟଣା ଉପରେ ସେ ଲେଖିଛନ୍ତି ଐତିହାସିକ ଉପନ୍ୟାସ 'ଅରଣ୍ୟ ହୁଂକାର', ଆଗ୍ନେୟ ସବୁଜ, ଧନୁର୍ଜୟ ବଳୟ ବିଚିତ୍ରା। ତା'ସହିତ କେନ୍ଦୁଝର ଇତିହାସର ୧ମ ଓ ୨ୟ ଭାଗ ତାଙ୍କ ସାଧନା ଓ ସନ୍ଧାନର ସାରସ୍ୱତ ଅବଦାନ। ହସହସ ମୁହଁ ସାଙ୍ଗକୁ ତାଙ୍କର ଧୀର କଥା ସମସ୍ତଙ୍କୁ ମୋହିତ କରିଥାଏ। ସବୁବେଳେ ସଂସ୍କୃତି ପରମ୍ପରା ଐତିହ୍ୟ ଲୋକାଚାର ଉପରେ ଆଲେଚନା କରିବାକୁ ସେ ଭଲ ପାଆନ୍ତି। ବାପା ଜଣେ ସୁବକ୍ତା ଥିଲେ। କିନ୍ତୁ ମୁଁ ଜାଣିଛି କବି ଭାବରେ ସେ ବେଶି ଆତ୍ମସନ୍ତୋଷ ପାଉଥିଲେ। ବାପାଙ୍କର ମୋ ଉପରେ ବିଶ୍ୱାସ ଯେତିକି ଭଲ ପାଇବା ବି ସେତିକି। ଘରକୁ ତାଙ୍କର କେହି ବନ୍ଧୁ ଆସିଲେ ସେ ତାଙ୍କୁ ମୋର 'ଗୁଣବାନ୍ ପୁଅ' ବୋଲି କହି ମୋତେ ଚିହ୍ନାଉଥିଲେ; ଯାହା ଭାବିଲେ ଏବେ ବି ମୋ ଆଖିରେ ଲୁହ ଆସିଯାଏ ।

ସତରେ ବାପା ଜୀବନର ଏମିତି ଏକ ସ୍ତମ୍ଭ ଯାହାଙ୍କୁ ବୁଝି ହୁଏ ସିନା ମନ ଖୋଲି କହି ହୁଏନା। ଶାସ୍ତ୍ରରୁ ପଢି ପିତାଧର୍ମ ପିତା ସ୍ୱର୍ଗ ବୋଲି ଉଚ୍ଚାରଣ କରୁଥିବା ସନ୍ତାନଟି ପିତାଙ୍କ ଜୀବଦଶାରେ ସତରେ କ'ଣ ବୁଝିପାରେ ତାଙ୍କ ପିତାଙ୍କୁ ?

–ରୋଜାଲିନ୍ ମହାନ୍ତି

(ଭାଗ-୧)




## ସଫଳତାର କାହାଣୀ

# ହୋଟେଲ ମ୍ୟାନେଜମେଣ୍ଟ


ସାରଦା ଘୋଷ
(ପ୍ରିନ୍ସିପାଲ)

**ହୋଟେଲରେ କାମ କରିବା ଅର୍ଥ କେବଳ ରୋଷେଇ ନୁହେଁ, ବରଂ ଫ୍ରଣ୍ଟ ଅଫିସ ବା ରିସେପ୍ସନିଷ୍ଟ, ହାଉସକିପିଂ, ସିକ୍ୟୁରିଟି, ବେକରି, ବାର୍, ରେଷ୍ଟୁରାଣ୍ଟ ଭଳି ଏଠାରେ ବିଭିନ୍ନ କାର୍ଯ୍ୟ ରହିଛି। କହିବାକୁ ଗଲେ ଏହା ଏକ କ୍ଷୁଦ୍ର ବିଶ୍ୱ....**

କୋଭିଡ୍ ମହାମାରୀ ପରେ ସମଗ୍ର ପୃଥିବୀରେ ଅନେକ ପରିବର୍ତ୍ତନ ଆସିଛି। ଏହା ଜଣାଶୁଣା ଯେ, ସବୁ ଦେଶରେ ପର୍ଯ୍ୟଟନର ବିକାଶ ନିମନ୍ତେ ସରକାରଙ୍କର ବିପୁଳ ଆଗ୍ରହ ରହିଛି। ଏହି ଶିଳ୍ପ ସମ୍ଭବତଃ ଅନ୍ୟ ସବୁ ଶିଳ୍ପ ତୁଳନାରେ ସର୍ବାଧିକ ନିଯୁକ୍ତି ଯୋଗାଇଥାଏ। ଏବେ କୋଭିଡ୍ ପରେ ସାଧାରଣ ମଧ୍ୟବିତ୍ତ ପର୍ଯ୍ୟଟକ ମଧ୍ୟ ଭିଡ଼ ଜାଗାକୁ ଯିବାକୁ ପସନ୍ଦ କରୁନାହାନ୍ତି। ସେଥିପାଇଁ ଛୋଟ ହୋଟେଲ କିମ୍ବା ବୁଟିକ୍ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକର ଚାହିଦା ବୃଦ୍ଧିପାଇଛି। ପର୍ଯ୍ୟଟକ ତଥା ଅତିଥିମାନଙ୍କୁ ଆତିଥେୟତା ପ୍ରଦାନ କରିବା ହେଉଛି ହୋଟେଲ ଶିଳ୍ପର ଉଦ୍ଦେଶ୍ୟ। ଆଧୁନିକ ଯୁଗରେ ଏହାର ପରିସୀମା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ଯୁବପିଢ଼ିଙ୍କ ପାଇଁ ରୋଜଗାରର ଏକ ମାଧ୍ୟମ ପାଲଟିଛି। ହୋଟେଲରେ କାମ କରିବା ଅର୍ଥ କେବଳ ରୋଷେଇ ନୁହେଁ, ବରଂ ଫ୍ରଣ୍ଟ ଅଫିସ ବା ରିସେପ୍ସନିଷ୍ଟ, ହାଉସକିପିଂ, ସିକ୍ୟୁରିଟି, ବେକରି, ବାର୍, ରେଷ୍ଟୁରାଣ୍ଟ ଭଳି ଏଠାରେ ବିଭିନ୍ନ କାର୍ଯ୍ୟ ରହିଛି। କହିବାକୁ ଗଲେ ଏହା ଏକ କ୍ଷୁଦ୍ର ବିଶ୍ୱ। ଅଧିକାଂଶ ଯୁବପିଢ଼ି ଏବେ ଏହି କ୍ଷେତ୍ର ପ୍ରତି ଆଗ୍ରହ ଦେଖାଉଛନ୍ତି। କେବଳ ରାଜ୍ୟ ସ୍ତରରେ ନୁହେଁ ବରଂ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଯୁବପିଢ଼ି ହୋଟେଲ ଶିଳ୍ପରେ କାମକରି ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଏହି ଶିଳ୍ପ ପ୍ରମାଣ କରୁଛି ଯେ ରୋଷେଇ ନାରୀମାନଙ୍କ ପରିବର୍ତ୍ତେ ପୁରୁଷଙ୍କ କାର୍ଯ୍ୟ ପରିସରରେ ଆସୁଛି। ସେହିପରି ଅତିଥିଙ୍କୁ ଖାଦ୍ୟ ପରଷିବାଠାରୁ ଆରମ୍ଭକରି ସେମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଝିଅମାନେ ମଧ୍ୟ ଆଗ୍ରହ ଦେଖାଉଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କୁ ହୋଟେଲ ଶିଳ୍ପରେ ଆଗକୁ ବଢ଼ିବାକୁ ପ୍ରେରଣା ଦେବା ସହ ବିଧିବଦ୍ଧ ତାଲିମ ପ୍ରଦାନ କରିବା ପାଇଁ ରାଜ୍ୟରେ ଅନେକ ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ ଗଢ଼ି ଉଠିଛି। ଏଠାରେ ଓଡ଼ିଶା ସମେତ ବାହାର ରାଜ୍ୟରୁ ମଧ୍ୟ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ଆସୁଛନ୍ତି। ଭୁବନେଶ୍ୱରରେ ୨୫ରୁ ଅଧିକ ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ ରହିଥିବାବେଳେ ସେଥିମଧ୍ୟରୁ କିଛି ଇନ୍ଷ୍ଟିଚ୍ୟୁଟ୍‌କୁ ନେଇ 'ଧରିତ୍ରୀ' ପକ୍ଷରୁ ଏକ ଉପସ୍ଥାପନା।

### ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିଶନ (ଆଇଏଚ୍ଏମ୍)

ଭୁବନେଶ୍ୱରେ ଥିବା ହୋଟେଲ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ୍‌ଗୁଡିକ ମଧ୍ୟରେ ଟପ୍‌ଟେନ୍ ତାଲିକାରେ ରହିଛି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିଶନ। ଭୁବନେଶ୍ୱରେ କୌଣସି ହୋଟେଲ ଅନୁଷ୍ଠାନ ଖୋଲି ନ ଥିବାବେଳେ ଏହା ପ୍ରଥମ ଅନୁଷ୍ଠାନ ଭାବେ ଗଢ଼ି ଉଠିଥିଲା। ୧୯୭୩ରେ ରାଜ୍ୟ ସରକାରଙ୍କ ଦ୍ୱାରା ଏହା ସ୍ଥାପନ ହୋଇଥିଲା। ପ୍ରାରମ୍ଭରେ ଏହାର ନାମ 'ଫୁଡ୍ କ୍ରାଫ୍ଟ ଇନ୍ଷ୍ଟିଚ୍ୟୁଟ' ରହିଥିଲା। ତେବେ ୧୯୮୧ରେ ଏହାର ନାମ ବଦଳାଇ 'ଷ୍ଟେଟ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ' ଏବଂ ୧୯୮୪ରେ ପୁନର୍ବାର ନାମ ବଦଳାଯାଇ 'ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ କ୍ୟାଟରିଂ ଟେକ୍ନୋଲୋଜି ଆଣ୍ଡ ଆପ୍ଲାଏଡ୍ ନ୍ୟୁଟ୍ରିଶନ' ରଖାଯାଇଛି। ଭିଏସ୍‌ଏସ୍‌ନଗରଠାରେ ଅବସ୍ଥାପିତ ଏହି ଇନ୍ଷ୍ଟିଚ୍ୟୁଟ୍ ଏବେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ରହିଛି। ସରକାରୀ ଅନୁଷ୍ଠାନ ହୋଇଥିବାରୁ ହୋଟେଲ ମ୍ୟାନେଜମେଣ୍ଟ କରିବା ପାଇଁ ଛାତ୍ରୀଛାତ୍ରଙ୍କର ଏହା ପ୍ରଥମ ପସନ୍ଦ ପାଲଟିଥାଏ। ଏଠାରେ ପାଠ ପଢ଼ିବା ପାଇଁ ଛାତ୍ରୀଛାତ୍ରଙ୍କୁ ଜାତୀୟ ସ୍ତରରେ ଏଣ୍ଟ୍ରାନ୍ସ ଦେବାକୁ ପଡ଼ିଥାଏ। ମାଷ୍ଟର ଡିଗ୍ରୀ, ଡିପ୍ଲୋମା ଆଦି ବିଭିନ୍ନ କୋର୍ସ ରହିଛି। ଯୁକ୍ତ୨ ପାସ୍ କରିଥିବା (ଯେକୌଣସି ଷ୍ଟ୍ରିମ୍) ପିଲା ବିଏସ୍‌ସି (ବ୍ୟାଚେଲର ଅଫ୍ ସାଇନ୍ସ) ଇନ୍ ହସ୍ପିଟାଲିଟି ଆଣ୍ଡ ହୋଟେଲ ଆଡମିନିଷ୍ଟ୍ରେଶନ କୋର୍ସ କରିପାରିବେ। ଏହା ୩ ବର୍ଷିଆ କୋର୍ସ ହୋଇଥିବାବେଳେ ଏଥିପାଇଁ ୩ଲକ୍ଷ ୨୭ହଜାର ଟଙ୍କା ଫି ଦେବାକୁ ପଡ଼ିବ। ସେହିପରି ୨ବର୍ଷିଆ ଏମ୍‌ଏସ୍‌ସି (ମାଷ୍ଟର ଅଫ୍ ସାଇନ୍ସ) ଇନ୍ ହସ୍ପିଟାଲିଟି ଆଡ୍‌ମିନିଷ୍ଟ୍ରେଶନ କୋର୍ସ କରିବା ପାଇଁ ଜଣେ ପିଲାକୁ ୧ଲକ୍ଷ ୯୯ହଜାର ଟଙ୍କା ଫି' ଦେବାକୁ ପଡ଼ିବ। ପିଜି ଡିପ୍ଲୋମା (୧୮ ମାସ) ପାଇଁ ଯୁକ୍ତ୨ ପାସ୍ କରିବା ସହିତ ୩୩ରୁ ୩୫ହଜାର ଟଙ୍କା ଦେୟ ଦେବାକୁ ପଡ଼ିବ। ଏହି ଅନୁଷ୍ଠାନକୁ ୯୦ ପ୍ରତିଶତ ପିଲା ବାହାର ରାଜ୍ୟରୁ ଆସନ୍ତି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ପ୍ରାୟ ରାଜ୍ୟରୁ ପିଲା ଆସୁଛନ୍ତି। ତେବେ ଓଡ଼ିଶା ଅପେକ୍ଷା ବାହାର ରାଜ୍ୟରୁ ଆସିଥିବା ଛାତ୍ରୀଙ୍କ ସଂଖ୍ୟା ଅଧିକ ରହୁଛି। ଏଠାରେ ପୁଅ ଝିଅଙ୍କ ଅନୁପାତ ୫୦ ପ୍ରତିଶତ ରହିଛି। ଅନୁଷ୍ଠାନରେ ଥିଓରି ସହିତ ପ୍ରାକ୍ଟିକାଲକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଏ। ଏଠାରେ ସମସ୍ତ ଷ୍ଟାଫ୍ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ରୋଷେଇ କରିଥାନ୍ତି। ଏହାଦ୍ୱାରା ସେମାନଙ୍କର ପ୍ରାକ୍ଟିକାଲ ହେବା ସହ ସମସ୍ତଙ୍କ ଖାଇବା ହୋଇଯାଏ। ଇନ୍ଷ୍ଟିଚ୍ୟୁଟ୍‌ରେ ଏବେ ମୋଟ୍ ୭ଶହ ଛାତ୍ରୀଛାତ୍ର ରହିଥିବାବେଳେ ଶିକ୍ଷକ ୧୬ ଜଣ ଏବଂ ଷ୍ଟାଫ୍ ପ୍ରାୟ ୧୦ଜଣ ରହିଛନ୍ତି।

### ଆଇଏଚ୍ଏମ୍‌ର ବ୍ରାଣ୍ଡ ରହିଛି-*ସାରଦା ଘୋଷ, ପ୍ରିନ୍ସିପାଲ, ଆଇଏଚ୍ଏମ୍*

ଆସନ୍ତା ବର୍ଷ ଆଇଏଚ୍ଏମ୍ ୫୦ବର୍ଷରେ ପହଞ୍ଚିବ। ରାଜ୍ୟ ତଥା ରାଜ୍ୟ ବାହାରୁ ପିଲାମାନେ ଏଠାକୁ ଆସନ୍ତି। ଆଇଏଚ୍ଏମ୍‌ର ବ୍ରାଣ୍ଡ ରହିଛି। ସବୁ ବିଷୟକୁ ଏଠାରେ ସମାନ ଫୋକସ୍ ଦିଆଯାଉଛି। ତେବେ ଶର୍ଟଟର୍ମ କୋର୍ସରେ ଫୁଡ୍ ପ୍ରଡକ୍ସନ ବା ରୋଷେଇ ଏବଂ ବେକରିକୁ ଅଧିକ ଧ୍ୟାନ ଦିଆଯାଉଛି। ଅଣ୍ଡର ଗ୍ରାଜୁଏଶନ ଛାତ୍ରୀଛାତ୍ରମାନେ ରେଷ୍ଟୁରାଣ୍ଟ ମ୍ୟାନେଜମେଣ୍ଟ (ଖାଦ୍ୟ ପରଷିବା)କୁ ବେଶି ପସନ୍ଦ କରୁଛନ୍ତି। ସେହିପରି ମାଷ୍ଟର ଡିଗ୍ରୀ କରୁଥିବା →




ଡ. ପି.ଆର. ସାଣ୍ଡିଲ୍ୟାନ୍
(ପ୍ରିନ୍ସିପାଲ)



ପିଲାମାନେ ଫୁଡ୍ ପ୍ରଡକ୍ସନକୁ ପସନ୍ଦ କରୁଥିବାବେଳେ ଅଧିକାଂଶ ପିଲା ରେଷ୍ଟୁରାଣ୍ଟ ମ୍ୟାନେଜମେଣ୍ଟ କରିବାକୁ ଇଚ୍ଛା କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ଲେସ୍‌ମେଣ୍ଟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ଅଧିକାଂଶ ପିଲା ପାଠ ସରିବା ପରେ ନିଜର ଷ୍ଟାର୍ଟଅପ୍ କରିବାକୁ ପସନ୍ଦ କରୁଛନ୍ତି। ଏହାବାଦ୍ ତାଜ୍, ମ୍ୟାରିଅନ୍, ଓବରାଏ, ଫୁଡ୍ ରିଟେଲ କମ୍ପାନୀ ଯଥା ପିଜାହଟ୍, ଡୋମିନୋସ୍, ମେକ୍‌ଡୋନସ୍ ଭଳି ହୋଟେଲ ସହ ଆମର ଟାଏ ଅପ୍ ଅଛି। ବହୁ ହୋଟେଲ ଆମକୁ ବ୍ୟକ୍ତିଗତ ଭାବେ ଫୋନ୍‌କରି ପିଲାଙ୍କୁ ଚାକିରି ଦେବାକୁ କୁହନ୍ତି। ଦେଶ ବାହାରେ ଦୁବାଇ, ଆମେରିକାରେ ମଧ୍ୟ ସେମାନଙ୍କ ପାଇଁ ଚାକିରି ସୁଯୋଗ ରହିଛି। ଟ୍ରେନିଂ ସମୟରେ ସେମାନଙ୍କୁ ଷ୍ଟାଇପେଣ୍ଡ ଦିଆଯାଉଛି। ଟ୍ରେନିଂ ପରେ ପ୍ରାରମ୍ଭିକ ଦରମା ୧୮ରୁ ୨୦ ହଜାର ଟଙ୍କା ରହୁଛି। ଛୋଟ ହୋଟେଲ, ଗେଷ୍ଟ ହାଉସ୍‌କୁ ଆମ ପିଲା ଯାଆନ୍ତି ନାହିଁ। ବରଂ ଗେଷ୍ଟ ହାଉସ୍‌ର କର୍ମଚାରୀଙ୍କୁ ଆମ ଫ୍ୟାକଲ୍ଟିମାନେ ଟ୍ରେନିଂ ଦିଅନ୍ତି। ଇନ୍‌ଷ୍ଟିଚ୍ୟୁଟ୍‌ରୁ ବାହାରି ବହୁତ ପିଲା ଜାହାଜରେ ସେଫ୍ ଭାବେ କାମ କରୁଛନ୍ତି। ସେଲିବ୍ରିଟି ସେଫ୍ ହର୍‌ପାଲ ସିଂ ସୁଖି ଆଇଏଚ୍‌ଏମ୍‌ର ଛାତ୍ର। ତାଙ୍କ ସଫଳତା ଆମ ଇନ୍‌ଷ୍ଟିଚ୍ୟୁଟ୍ ଦକ୍ଷତାର ଏକ ଉଦାହରଣ।

## ରଞ୍ଜିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ଆର୍‌ଆଇଏଚ୍‌ସି)

ଟପ୍‌ଟେନ୍ ତାଲିକାରେ ରହିଥିବା ଅନ୍ୟ ଏକ ଅନୁଷ୍ଠାନ ହେଉଛି ରଞ୍ଜିତା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଟେକ୍ନୋଲୋଜି (ଆର୍‌ଆଇଏଚ୍‌ସି)। ଜାଆଁଳା ଠାରେ ଅବସ୍ଥାପିତ ଏହି ଅନୁଷ୍ଠାନ ସି.ଭି. ରମଣ ବିଶ୍ୱବିଦ୍ୟାଳୟର ଏକ ଅଂଶ। ଏଠାରେ ଡିପ୍ଲୋମା, ଡିଗ୍ରୀ ସହ ଶର୍ଟଟର୍ମ ଭଳି ୮ ପ୍ରକାର କୋର୍ସ ରହିଛି। ବିଏସ୍‌ସି ଇନ୍ ହୋଟେଲ ଆଣ୍ଡ ହସ୍ପିଟାଲିଟି ଆଡ୍‌ମିନିଷ୍ଟ୍ରେଶନ କୋର୍ସ ଏବଂ ବିଏସ୍‌ସି ଇନ୍ କ୍ୟୁଲିନାରି ଆଣ୍ଡ ପେଷ୍ଟ୍ରି ଆର୍ଟସ କୋର୍ସ ପାଇଁ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ୨ ପାସ୍ ରହିଛି। ୩ବର୍ଷ ଅବଧିର ଏହି କୋର୍ସଗୁଡ଼ିକ ପାଇଁ ଜଣେ ପିଲାକୁ ୩ଲକ୍ଷ ୬୧ହଜାର ଟଙ୍କା ଫି' ଦେବାକୁ ପଡ଼ିବ। ସେହିପରି ବିଏସ୍‌ସି ଇନ୍ ଏୟାରଲାଇନ୍ସ, ଟୁରିଜମ୍ ଆଣ୍ଡ ହସ୍ପିଟାଲିଟି (୩ବର୍ଷ) ପାଇଁ ସର୍ବନିମ୍ନ ଯୋଗ୍ୟତା ଯୁକ୍ତ ୨ ଥିବାବେଳେ ଏଥିପାଇଁ ୨ଲକ୍ଷ ୧୧ହଜାର ଟଙ୍କା ଦେବାକୁ ପଡ଼ିବ। ମାଷ୍ଟର୍ସ ପ୍ରୋଗ୍ରାମ ଅନ୍ତର୍ଗତ ଏମ୍‌ଏସ୍‌ସି ଇନ୍ ହୋଟେଲ ଆଡମିନିଷ୍ଟ୍ରେଶନ ଏବଂ ମାଷ୍ଟର ଇନ୍ ଟ୍ରାଭେଲ ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜମ୍ ମ୍ୟାନେଜମେଣ୍ଟ (ଏମ୍‌ଟିଟିଏମ୍) (୨ବର୍ଷ) ପାଇଁ ଗ୍ରାଜୁଏଶନ ଆବଶ୍ୟକ। ଏଥିପାଇଁ ୨ଲକ୍ଷ ୩ହଜାର ଟଙ୍କା ଫି' ଦେବାକୁ ପଡ଼ିବ। ଅପରପକ୍ଷେ ଡକ୍ଟର୍ସ ପ୍ରୋଗ୍ରାମ ଅନ୍ତର୍ଗତ ପିଏଚ୍.ଡି. ଇନ୍ ଟୁରିଜମ୍ ଏବଂ ପିଏଚ୍.ଡି. ଇନ୍ ହୋଟେଲ ମ୍ୟାନେଜମେଣ୍ଟ କରିବା ପାଇଁ ଇଚ୍ଛୁକ ଛାତ୍ରୀଛାତ୍ରଙ୍କୁ ହୋଟେଲ ମ୍ୟାନେଜମେଣ୍ଟରେ ମାଷ୍ଟର ଡିଗ୍ରୀ କରିବାକୁ ପଡ଼ିବ। ଏହି କୋର୍ସର ଫି' ୨ଲକ୍ଷ ଟଙ୍କା ରହିଥିବାବେଳେ ୩ରୁ ୭ ବର୍ଷର ଅବଧି ରହିଛି। ଏହାବ୍ୟତୀତ ଡିପ୍ଲୋମା ଇନ୍ ହୋଟେଲ ମ୍ୟାନେଜମେଣ୍ଟ (ସ୍ପେଶାଲାଇଜେଶନ କୁକିଂ/ବେକିଂ) (୧୮ ମାସ) କରିବା ପାଇଁ ଯୁକ୍ତ ୨ ପାସ୍ କରିଥିବା ସହ ୫୦ ହଜାର ଟଙ୍କା ଫି' ଦେବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କୁ ଥିଓରି ସହିତ ପ୍ରାକ୍ଟିକାଲ କରାଇବା ପାଇଁ ଅତ୍ୟାଧୁନିକ କିଚେନ୍ ଲାବ୍ ସହିତ ରେଷ୍ଟୁରାଣ୍ଟ, ବେକରି ଆଦି ରହିଛି। ଅନୁଷ୍ଠାନ ପକ୍ଷରୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ସ୍ୱରୂପ 'ସଫଳ' ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ଅନ୍ତର୍ଗତ ଅନାଥ ତଥା ଗରିବ ଝିଅଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ାଯାଉଛି। ଏହା ବ୍ୟତୀତ ସେମାନଙ୍କର ହଷ୍ଟେଲରେ ରହିବା, ଖାଇବା, ୟୁନିଫର୍ମ ମଧ୍ୟ ମାଗଣାରେ ଦିଆଯାଉଛି। ୨୫ଜଣ ଛାତ୍ରୀ ଏହି ଯୋଜନାରେ ପାଠ ପଢୁଛନ୍ତି। ଏବେ ଅନୁଷ୍ଠାନରେ ୫୦ରୁ ୬୦ ଜଣ ଛାତ୍ରୀଛାତ୍ର ଥିବାବେଳେ ଶିକ୍ଷକ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ୧୨ଜଣ ରହିଛନ୍ତି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଭଳି ବିଭିନ୍ନ ରାଜ୍ୟରୁ ପିଲା ଆସୁଛନ୍ତି। ପୁଅଙ୍କ ଅନୁପାତରେ ଝିଅଙ୍କ ସଂଖ୍ୟା କମ୍ ରହୁଛି।

### ଶତ ପ୍ରତିଶତ ପ୍ଲେସ୍‌ମେଣ୍ଟ ଦିଆଯାଉଛି–ଡ. ପି.ଆର୍. *ସାଣ୍ଡିଲ୍ୟାନ୍, ପ୍ରିନ୍ସିପାଲ, ଆର୍‌ଆଇଏଚ୍‌ସି*

ଅନୁଷ୍ଠାନରୁ ବାହାରିବା ପରେ ଜଣେ ପିଲା ଯେପରି ଭଲ ଚାକିରି ପାଇବ ବା ନିଜେ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ଗୁରୁତ୍ୱ ଦିଆଯାଉଛି। ଏଠାରେ ଶତ ପ୍ରତିଶତ ପ୍ଲେସ୍‌ମେଣ୍ଟ ଦିଆଯାଉଛି। ବହୁ ବଡ଼ ବଡ଼ ହୋଟେଲ ସହିତ ଯୋଗାଯୋଗ ରହିଛି। ଏହା ବ୍ୟତୀତ ଅନେକ ନାମୀ ସଂସ୍ଥା ଏଠାକୁ ଆସି ପିଲାଙ୍କୁ ରିକ୍ରୁଟ କରୁଛନ୍ତି। ଭଲ ଛାତ୍ରୀଛାତ୍ର ପ୍ରାରମ୍ଭିକ ସମୟରେ ୧୭ରୁ ୨୨ହଜାର ଟଙ୍କା ପାଇଥାନ୍ତି। ୧୭ ହଜାର ଟଙ୍କା ତଳକୁ ଦରମା ଦେଉଥିବା ହୋଟେଲ ବା ଗେଷ୍ଟହାଉସ୍‌କୁ କ୍ୟାମ୍ପସ ଆଣିବାକୁ ଅନୁମତି ଦିଆଯାଏ ନାହିଁ। ଅଷ୍ଟ୍ରେଲିଆ, ଆମେରିକା, କାନାଡା, ନ୍ୟୁଜିଲାଣ୍ଡ, ଦୁବାଇ, କାତାର, ସିଙ୍ଗାପୁର, ଥାଇଲାଣ୍ଡ ଭଳି ବିଭିନ୍ନ ଦେଶରେ ପିଲାଙ୍କୁ ଚାକିରି ମିଳୁଛି। ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ପ୍ରାୟ ୨ହଜାର ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କ ବ୍ରେକ୍‌ଫାଷ୍ଟ ପାଇଁ ବ୍ରେଡ୍‌ଠାରୁ ଆରମ୍ଭ କରି ସିଙ୍ଗଡ଼ା, ଚକୋଲେଟ୍ ଆଦି ବିଭିନ୍ନ ଖାଦ୍ୟ ଇନ୍‌ଷ୍ଟିଚ୍ୟୁଟ୍‌ର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ। ଏହାଦ୍ୱାରା ସେମାନଙ୍କର ରୋଷେଇ ଦକ୍ଷତା ବୃଦ୍ଧି ପାଇଥାଏ।



ପ୍ରଭାତ କୁମାର ରାଉତ (ଡାଇରେକ୍ଟର)




## ଏମାନଙ୍କ ମତରେ...



ମିଭାନ୍

**ଆ**ର୍‌ଆଇଏଚ୍‌ସିରେ ମୁଁ ପ୍ରଥମ ବର୍ଷର ଛାତ୍ର। ବହୁତ ଖୁସି ଲାଗୁଛି ଯେ ମତେ ଏଠାରେ ପଢ଼ିବାର ସୁଯୋଗ ମିଳିଛି। ଫୁଡ୍ ଆଣ୍ଡ ବେଭରେଜ୍‌ରେ ସ୍ପେଶାଲାଇଜେଶନ୍ କରୁଛି। ପଢ଼ା ସରିବା ପରେ ନିଜର ଏକ କ୍ୟାଫେ ଖୋଲିବାକୁ ଯୋଜନା ରଖିଛି। *–ମିଭାନ୍ ଅଗ୍ରୱାଲ, ସୁନ୍ଦରଗଡ଼, ଆର୍‌ଆଇଏଚ୍‌ସି*



ଅରୁଣିମା

**ଆ**ମ ଭଳି ପିଲାଙ୍କ ପାଇଁ ଆର୍‌ଆଇଏଚ୍‌ସି ସୁବର୍ଣ୍ଣ ସୁଯୋଗ ଆଣିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପାଠପଢ଼ା ସହିତ ପ୍ରାକ୍ଟିକାଲ କରିବାକୁ ସୁଯୋଗ ମିଳୁଛି। ରେଷ୍ଟୁରାଣ୍ଟ ସର୍ଭିସରେ ଆଗକୁ ବଢିବାକୁ ଲକ୍ଷ୍ୟ ରହିଛି।

*–ଅରୁଣିମା ମାରାଣ୍ଡି, ଖୋର୍ଦ୍ଧା, ଆର୍‌ଆଇଏଚ୍‌ସି*



ପ୍ରିୟଦର୍ଶିନୀ

**ମୋ** ବାପା ଜଣେ କୃଷକ। ସାଧାରଣ ପରିବାରରୁ ଆସି ମୁଁ ଏଠାରେ ହୋଟେଲ ମ୍ୟାନେଜମେଣ୍ଟ କରୁଛି। ପାଠ ପଢ଼ାର ସମସ୍ତ ଖର୍ଚ୍ଚ କଲେଜ ବହନ କରୁଛି। ରୋଷେଇ କରିବା ଅପେକ୍ଷା ମତେ ଖାଇବା ପରଷିବାକୁ ବେଶି ଭଲଲାଗେ। ତେଣୁ ପଢ଼ା ସରିବା ପରେ ରେଷ୍ଟୁରାଣ୍ଟ ସର୍ଭିସରେ କାମ କରିବି।

*–ପ୍ରିୟଦର୍ଶିନୀ ପାଣ୍ଡିଆ, ଖୋର୍ଦ୍ଧା, ଆର୍‌ଆଇଏଚ୍‌ସି*



ରିୟା

**ରୋ**ଷେଇ କରିବାକୁ ମତେ ଭଲଲାଗେ। ତେଣୁ ଏହାକୁ ପ୍ରଫେସନ କରିବାକୁ ଚାହୁଁଥିଲି। ଘର ଲୋକଙ୍କ ପ୍ରେରଣାରେ ହୋଟେଲ ମ୍ୟାନେଜମେଣ୍ଟ କରୁଛି। ପଢ଼ା ସରିବା ପରେ ଭଲ ହୋଟେଲରେ ଚାକିରି ପାଇଁ ଆଶା ରଖିଛି।

*–ରିୟା ସମାଦାର, ପଶ୍ଚିମବଙ୍ଗ, ଆଇଏଚ୍‌ଏମ୍*



ଡି. ସୁରଜ

**ହୋ**ଟେଲ ମ୍ୟାନେଜମେଣ୍ଟରେ ଆଇଏଚ୍‌ଏମ୍‌ର ଭଲ ନାଁ ଅଛି। ଏଠାରେ ସିଟ୍ ମିଳିବା ନିହାତି ପକ୍ଷେ ଭାଗ୍ୟର କଥା। ଆଗକୁ ନିଜର କ୍ୟାଟରିଂ ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଛି।

*–ଡି. ସୁରଜ, ଛତ୍ରପୁର, ଆଇଏଚ୍‌ଏମ୍*

## ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ (ସିଆଇଏଚ୍‌ଏମ୍‌ସି)

ହୋଟେଲ ମ୍ୟାନେଜମେଣ୍ଟର ଅନ୍ୟତମ ଅନୁଷ୍ଠାନ ଭାବେ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ (ସିଆଇଏଚ୍‌ଏମ୍‌ସି) ବେଶ୍ ପରିଚିତ। ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ରେ ଏହି ଘରୋଇ ଅନୁଷ୍ଠାନର କାର୍ଯ୍ୟାଳୟ ଅବସ୍ଥାପିତ ଥିବାବେଳେ ଗୋଠପାଟଣାଠାରେ ନିୟମିତ କ୍ଲାସ୍ ହେଉଛି। ଏହି ଅନୁଷ୍ଠାନ ମାଷ୍ଟର ସେଫ୍ ବିଶ୍ୱଜିତ୍ ମହାରଥୀଙ୍କ ଭଳି ଅନେକ ସଫଳ ଛାତ୍ରୀଛାତ୍ର ସୃଷ୍ଟି କରିପାରିଛି। ଏଠାରେ ଫୁଡ୍ ପ୍ରଡକ୍ସନ, ଫୁଡ୍ ଆଣ୍ଡ ବେଭରେଜ୍, ଫ୍ରଣ୍ଟ ଅଫିସ ଏବଂ ହାଉସ୍‌କିପିଂ ସହ ଟୁରିଜମ୍ କୋର୍ସ ରହିଛି। ୧୯୯୪ରୁ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ରାଜ୍ୟ ସମେତ ସମଗ୍ର ଦେଶରେ ଥିବା ପଞ୍ଚତାରକା ଡିଲକ୍ସ ହୋଟେଲ ସହିତ ଯୋଗାଯୋଗରେ ରହିଛି। ସାଧାରଣ ବର୍ଗର ପିଲାମାନେ ନିର୍ଦ୍ଧାରିତ ଫି' ଦେଉଥିବାବେଳେ ଏସ୍‌ସି/ଏସ୍‌ଟି ପିଲାମାନେ ମାଗଣାରେ ପାଠ ପଢୁଛନ୍ତି। ଏସ୍‌ସି ଏସ୍‌ଟି ବିଭାଗ ପକ୍ଷରୁ ସେମାନଙ୍କୁ ବର୍ଷକୁ ୫୧ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରାଯାଉଛି। ହୋଟେଲ ମ୍ୟାନେଜମେଣ୍ଟରେ ମାଷ୍ଟର ଡିଗ୍ରୀ (୨ବର୍ଷ) କରିବା ପାଇଁ ଗ୍ରାଜୁଏଶନ କରିଥିବା ଆବଶ୍ୟକ, ଯାହାର ଫି' ୧ଲକ୍ଷ ୧୦ହଜାର ଟଙ୍କା ରହିଛି। ସେହିଭଳି ବ୍ୟାଚେଲର ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ବିଏଚ୍‌ଏମ୍) (୪ବର୍ଷ) କରିବା ପାଇଁ ଯୁକ୍ତ ୨ ପାସ୍ ହେବା ସହ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏହାବାଦ୍ ୧ ବର୍ଷିଆ ଶର୍ଟଟର୍ମ କୋର୍ସର ସୁବିଧା ରହିଛି। ଏଥିପାଇଁ ୪୧ହଜାର ଟଙ୍କା ଫି' ଦେବାକୁ ପଡ଼ିବ। ଏଥିରେ ଫୁଡ୍ ପ୍ରଡକ୍ସନ, ଏଫ୍ ଆଣ୍ଡ ବି (ଫୁଡ୍ ଆଣ୍ଡ ବେଭରେଜ୍) ସର୍ଭିସ, ହାଉସ୍‌କିପିଂ ଏବଂ ଫ୍ରଣ୍ଟ ଅଫିସ ପାଠ ପଢ଼ାଯାଉଛି। ବର୍ତ୍ତମାନ ଅନୁଷ୍ଠାନରେ ପ୍ରାୟ ୩ଶହ ଛାତ୍ରୀଛାତ୍ର ଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ରହିଛନ୍ତି। ଓଡ଼ିଶାର ବିଭିନ୍ନ ଜିଲା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ ଭଳି ରାଜ୍ୟରୁ ବେଶି ପିଲା ଆସୁଛନ୍ତି।

### ପଞ୍ଚତାରକା ହୋଟେଲରେ ପିଲାଙ୍କୁ ଚାକିରି ମିଳୁଛି

*–ପ୍ରଭାତ କୁମାର ରାଉତ, ଡାଇରେକ୍ଟର, ସିଆଇଏଚ୍‌ଏମ୍‌ସି*

ଅନୁଷ୍ଠାନରେ ସମସ୍ତ ବିଷୟକୁ ସମାନ ଗୁରୁତ୍ୱ ଦିଆଯାଉଛି। ତେବେ ୮୦ ପ୍ରତିଶତ ପିଲା ଫୁଡ୍ ପ୍ରଡକ୍ସନ ଏବଂ ଫୁଡ୍ ଆଣ୍ଡ ବେଭରେଜ୍ ସର୍ଭିସକୁ ବେଶି ପସନ୍ଦ କରୁଛନ୍ତି। ହାଉସ କିପିଂ ପ୍ରତି କମ୍ ପିଲା ଆଗ୍ରହୀ ହେଉଛନ୍ତି। ପଢ଼ା ସରିବା ପରେ ପିଲାମାନଙ୍କ ପ୍ଲେସ୍‌ମେଣ୍ଟ ପାଇଁ ଅଫ୍ କ୍ୟାମ୍ପସ ଓ ଅନ୍ କ୍ୟାମ୍ପସ କରାଯାଉଛି। ଦିଲ୍ଲୀ, କୋଲକାତା, ହାଇଦ୍ରାବାଦ, ପୁଣେ, ଗୋଆ, ବାଙ୍ଗାଲୋର ଭଳି ବିଭିନ୍ନ ସ୍ଥାନର ପଞ୍ଚତାରକା ହୋଟେଲରେ ପିଲାଙ୍କୁ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ସହିତ ଚାକିରି ମିଳୁଛି। ଟ୍ରେନିଂ ସମୟରେ ପିଲାଙ୍କୁ ଷ୍ଟାଇପେଣ୍ଡ ସହିତ ରହିବା ଏବଂ ଖାଇବା ମାଗଣାରେ ଯୋଗାଇ ଦିଆଯାଏ। ଏହାବାଦ୍ ୧୦ଟି ଦେଶରେ ମଧ୍ୟ ପ୍ଲେସ୍‌ମେଣ୍ଟ ଦିଆଯାଉଛି। ହୋଟେଲ ଶିଳ୍ପରେ ପୁଅଙ୍କ ଅପେକ୍ଷା ଝିଅଙ୍କ ଅନୁପାତ କମ୍ ରହୁଛି। ପ୍ରାୟ ୨୫ଜଣରେ ୫ଜଣ ଝିଅ ପଢ଼ିବାକୁ ଆସୁଛନ୍ତି। ହୋଟେଲ ଇଣ୍ଡଷ୍ଟ୍ରିର ଚାକିରିକୁ ନେଇ ଅନେକଙ୍କ ମଧ୍ୟରେ ଭୁଲ୍ ଧାରଣା ରହିଛି। ତେଣୁ ସୁରକ୍ଷା ଏବଂ ସମ୍ମାନ ଦୃଷ୍ଟିରୁ ଝିଅମାନେ ଏ କ୍ଷେତ୍ରକୁ ଆସୁ ନ ଥିଲେ। ତେବେ ଏହି ଶିଳ୍ପରେ ରୋଜଗାର ଏବଂ ଉନ୍ନତି ଅଧିକ ରହିଛି ଜାଣିବା ପରେ ପୂର୍ବାପେକ୍ଷା ଝିଅଙ୍କ ସଂଖ୍ୟା ଧୀରେ ଧୀରେ ବଢୁଛି। ଏବେକାର ସମୟରେ ରୋଷେଇ କରି ଖାଇବା ପାଇଁ କାହା ପାଖରେ ସମୟ ନାହିଁ। ତେଣୁ ଅଧିକାଂଶ ଲୋକ ରେଷ୍ଟୁରାଣ୍ଟ ଉପରେ ନିର୍ଭର କରୁଛନ୍ତି। ଫଳରେ ହୋଟେଲ ଶିଳ୍ପର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

–ବନ୍ଦନା ସେଠୀ









# ବାପାଙ୍କ ଦୁଇଟି ସ୍କେଚ୍

**–ମାନମୟୀ ରଥ**

(୧)

**ବା**ପା ବର୍ଷ୍ଟେଇ ହେଲେ ପାଖାପାଖି ଶେଯଲଗା ହେଲା ପରେ । ଅକାଳରେ ବୋଉ ଚାଲିଗଲା ପରେ ପେନ୍‌ସନ ପାଉଥିବା ବାପା ସଭିଙ୍କ ଲାଗି ଅକାମୀ, ବୋଝ ହୋଇଗଲେ । ଘଡିକୁ ଘଡି ଚା', ପାଣି, ବିସ୍କୁଟ, ମୁଢ଼ି, ତେଲ ତଉଲିଆ କିଏ ଯୋଗେଇବ ହାତକୁ ! କାହାର ବେଳ ବଳି ପଡୁଛି ଆଜିକାଲି ! ତେଣୁ ପାଞ୍ଚ ଲୋକଙ୍କୁ ବସେଇ ଫଇସଲା ହେଲା ବାପା ରହିବେ ପନ୍ଦର ଦିନ ବଡ଼ ପୁଅ ଘରେ, ଆର ପନ୍ଦର ଦିନ ସାନ ପୁଅ ଘରେ । ସେହି ଅନୁଯାୟୀ ରାତି ଖାଇବା ଆଉ ଜଳଖିଆ । ବାଡ଼ି ଖଣ୍ଡକ ଧରି ବହୁତ କଷ୍ଟରେ ଚାଲନ୍ତି ବାପା । ତଳକୁ ଆସନ୍ତି ସାନ ପୁଅ ପାଖକୁ ଶିଡ଼ିର ରେଲିଂକୁ ଧରି ଧରି ଟଳମଳ ପାଦରେ । ଉପରକୁ ଯାଆନ୍ତି ବଡ଼ ପୁଅ ପାଖକୁ ପାହାଚକୁ ପାହାଚ ଚଢ଼ିଲାବେଳେ ବସି ଉଠି, ଧଇଁସଇଁ ହୋଇ । ଶୁଅନ୍ତି ପୁରୁଣା ଖଞ୍ଜାରେ, ଯେଉଁଠି କେଉଁ ପ୍ରପିତାମହ ଅମଳରୁ ଡିଙ୍ଗି ଗୋଟାଏ ଶୋଇଛି ବିନା ଢପର ଢାଇଁରେ । ବଡ଼ପୁଅ ପାଖକୁ ଜଳଖିଆ ଖାଇବାକୁ ଯାଇଥିବା ବାପା ନାତି ସହ କଥା ଲହସରେ ଭୁଲି ଯାଇଥିଲେ ଯେ ସାନ ପୁଅ ପାଖରେ ବେଳାକୁ ଖାଇବାର ପାଳି ଅଛି । ଖିଆପିଆ ସାରି ବାସନ ଧୋଉଥିଲା ସାନବୋହୂ । ତାଙ୍କ ଲାଗି ଖାଇବାକୁ ନ ଥିଲା ସେଇଠି । ଓଲଟି କହିଲା , ''ଉପରେ ଏମିତି କେଉଁ ରେସିପି ଦେଇ ଅପା ରାନ୍ଧିଦେଲେ ଯେ ଖାଇବାକୁ ଆସିବନି ବୋଲି ଖବରଟେ ଦେଇ ପାରିଲନି ? ଫୋପଡା ହେବ ବୋଲି ଅଯଥାରେ ଖୋସାମତ କରି କାମବାଲୀକୁ ଯାହା ଖାଇବା ତକ ଦେଲି ।'' ବାପା ଚୁପ୍ ରହିଲେ । ଭୋକ ପାଇଁ ଯୁକ୍ତି କରି ଲୁହେଇବେ ସିନା ! ଭୋକକୁ ତ ମାରିହେବ ଯେମିତି ମାରୁଥିଲେ ବାପା ହୋଇ ଛୁଆ ଦୁଇଟିଙ୍କ ପେଟ ପୂରେଇବାକୁ । ପାଟି କରି ପେଟ ପୂରେଇଲେ ବାପା ଭୋକ ମେଣ୍ଟିଯାଏ କ'ଣ !

ତେଣେ ବଡ଼ ବୋହୂ ନାତିକୁ ତାଙ୍କରି ସାମ୍ନାରେ ଖୁଆଇଲାବେଳେ କହିଥିଲା , ''ବେଇଗି ବେଇଗି ଖାଇଦେ ଧନ । ଜେଜେ ଏଇନା ତଳକୁ ଯିବେ ତେଣିକି ତୁ ଆଉ ଗପ ଶୁଣେଇ ପାରିବୁନି ।'' ବୋହୂ କିନ୍ତୁ ତାଙ୍କୁ କହିଲାନି, ''ଏଇଠି ଖାଇଦିଅ ବାପା । ଏତେବେଳ ହେଲାଣି ଆଉ ତଳକୁ ପଡି ଉଠି ଯିବ କାହିଁକି !'' ଦାୟିତ୍ୱକୁ ହିସାବରେ ନେଇ ଖଇଚା କରନ୍ତିନି ପୁଅବୋହୂ । ଭାରି ହୁସିଆର କଥାରେ , କାମରେ । ବାପା ଯାହା ବାଣ୍ଟି ହୋଇଯାଉଥାନ୍ତି ବଣ୍ଟାବଣ୍ଟିରେ ।

(୨)

''ବାପା, ଖୁବ୍ ଷ୍ଟ୍ରିକ୍ଟ । ଦୁର୍ବାସା ଜାଣ । ବୋଉର ଜୀବନଟା ନର୍କ ତାଙ୍କର ଏହି ଜଟା ଛିଣ୍ଡା ଗୁଣକୁ ନେଇ । ପାନରୁ ଚୂନ ଖସିଗଲେ ବୋଉର ମୁହଁ, ଅଣ୍ଟା ଭାଙ୍ଗି ପକାନ୍ତି ବାପା ।'' ଘରମୁହାଁ ରାସ୍ତାରେ ଗୋଡ଼କୁ ଦୌଡ଼ାଉ ଦୌଡ଼ାଉ ରାନୁ ତା'ର ପୁରୁଷ ବନ୍ଧୁ ଅଙ୍କିତ୍‌କୁ କହିଲା । ରାନୁର ପ୍ରତି କଥାରେ ତା'ର ରାଗୀ ଏବଂ ଅର୍ଥଡକ୍ସ ବାପା ଅସୁର ଭଳି ଆସି ଅଙ୍କିତ୍‌କୁ ଅଳ୍ପବହୁତେ ଡରାନ୍ତି । ବାପଛେଉଣ୍ଡ ଅଙ୍କିତ୍ ଡରୁ ଡରୁ କେଜାଣି କେମିତି ରାନୁର ପ୍ରେମରେ ତୀବ୍ର ଭାବରେ ଛନ୍ଦି ହୋଇଯାଉଥାଏ । –ଆଉ ହେବନି । ବାପାଙ୍କୁ ସାମ୍ନା କରି କହିବାକୁ ହେବ କଥାଟି । ତା' ଛଡ଼ା ଏହି କଥାଟି କହିବାକୁ ମାମୁ, ମଉସା ବୋଲି କେହି ନାହିଁ ତା'ର । କେବେ ତ ଦିନେ ରାନୁର ହାତ ମାଗିବାକୁ ହେବ ଆଗୁଆ କାହିଁକି ସେହି କାମ ନ କରି ଡରିମରି ରହିବ ! ଅଙ୍କିତ୍ ନିଜକୁ ନିଜେ ପ୍ରବୋଧୁ ଥିଲା । – ଦେଖୁନ, ଆଜିରେ ହିଁ ଟ୍ରେନ୍‌କୁ କେମିତି ଡେରି କରିବାର ଥିଲା । ପହଞ୍ଚୁ ପହଞ୍ଚୁ ନିଶ୍ଚେ ରାତି ହେବ । ବାପା ଆହୁରି ବିଗିଡିବେ । ଘରୁ ବାହାର କରିଦେବେ ଆମ ଦୁହିଁଙ୍କୁ ଏକାଠି ଦେଖି । 'ଆତଙ୍କିତ ଲାଗୁଥିଲା ରାନୁର ସ୍ୱର ।' ବୋଉ ପିଠିରେ ହେବ ଆଜି ଉତ୍ତମ ମଧ୍ୟମ । ରାନୁ ପୁଣି ଛାନିଆଁ । କଲିଂ ବେଲ୍ ଶୁଣି ବାପା ଖୋଲିଲେ କବାଟ । ସାମ୍ନାରେ ଉଭୟଙ୍କୁ ଦେଖି ଥକା ମାରିଲା ଭଳି ଦିଶିଲେ । ଦୁହେଁ ପାଦ ଛୁଇଁଲେ । ଦାଢ଼ି ଭର୍ତ୍ତି ମୁହଁରେ ଦୁର୍ବାସାଙ୍କ ଦୀପ୍ତ ଆଖି ନୁହେଁ ବରଂ ଧୃତରାଷ୍ଟ୍ରଙ୍କ ଅସହାୟତା ଦିଶିଲେ ଅଙ୍କିତ୍‌କୁ । ଅଙ୍କିତ ଆଖି ତଳକୁ କଲା ଦୋଷୀପଣରେ । ଅଙ୍କିତ୍ ଚୁପ୍ ଥିଲା । ଚୁପ୍ ବି ବାପା, ବୋଉ ଆଉ ରାନୁ । କିଛି ବି ଘଟୁ ନ ଥିଲା ଘରେ ଆକାଂକ୍ଷିତ କି ଅପ୍ରତ୍ୟାଶିତ । ରନ୍ଧା ହେଲା – ବୋଉ ରାନ୍ଧିଲେ । ବଢ଼ା ହେଲା – ରାନୁ ବାଢ଼ିଲା । ଶେଯ ପରା ହେଲା, ପାଣି ଥୁଆ ହେଲା – ବୋଉ ଓ ରାନୁ ମିଶିକି କଲେ । ବାପା ଚୁପ୍ ଥିଲେ । ଗୋଟିଏ ବୋଲି ଝିଅକୁ ଜମି ବିକି ବିଟେକ୍ ପଢେଇବାକୁ ପଠେଇଥିଲେ ଯେ ରାତି ଅଧିଆ ଅଜାତି ପରିବାରର ପୁଅଟିକୁ ଧରି ଧାଇଁ ଆସିଛି ମୁହଁକୁ ବହଳ କରି ଝିଅ , ବାପା ଶାସନୀ ବ୍ରାହ୍ମଣ ବୋଲି ଜାଣିଶୁଣି । ସେ ବାପା ଯେ ! ଛାତିଫଟା ଗର୍ଜନ ଚାପି ହୋଇଯାଇଥିଲା ପ୍ରଚଣ୍ଡ ନୀରବତାରେ । ରାନୁ କାନ୍ଦି ପକାଉଥିଲା । ବୋଉ ଗମ୍ଭୀର ଲାଗୁଥିଲେ । ବାପା ଲାଗୁଥିଲେ ରୋଗିଣା, ଦରମଲା । ସକାଳୁ ଉଠି ଏକମୁହାଁ ପଳେଇ ଯିବାର ନିଷ୍ପତ୍ତି ନେଇ ଅଙ୍କିତ୍ କବାଟ ଖୋଲି ଦେଖିଲା ବାହାର ଅଗଣାରେ ଷ୍ଟୋଭ୍ ଜାଳି ଚା' ତିଆରି କରୁଛନ୍ତି ବାପା । ଅଙ୍କିତ୍‌କୁ ଚାହିଁ କହିଲେ , ଚା' ତିଆରୁଛି ତୁମ ପାଇଁ । ବାପା ତୁମର ଟିକେ ଅଧିକ ଅମୁଲ ଆଉ ଚିନି ପକାନ୍ତି ଚା'ରେ । ତୁମକୁ ଭଲ ଲାଗିବ ତ ... ?

*–ଅଧକ୍ଷା , ସେଣ୍ଟ ଜାଭିୟର କିଡ୍ସ , ବାଲିପୁଟ, ପୁରୀ*
*ମୋ: ୭୯୭୮୫୭୯୩୯୯*

## ଧର୍ମମ୍ ଶରଣଂ

**–ରାଜକିଶୋର ଦାସ**

**ଅ**ବଶିଷ୍ଟ ଅସ୍ଥି ସଂଗମରେ ଭସାଇ
ଘାଟରୁ ଲେଉଟିଲାବେଳେ
ତୁମେ ଥିଲ ମୋ ସାଥୀରେ ।
ଜୀବନର ଆରମ୍ଭ ବା ଶେଷ ନାହିଁ
କହୁଥିଲ ଧୀରେଧୀରେ ।

ଯେଉଁଦିନ ମତେ ଚାଲିବା ଶିଖେଇ ଦେଇ
ହାତ ଛାଡ଼ିଦେଲ,
ସତ କହୁଛି ସେଦିନୁ ଆଜିଯାଏଁ
ମୁଁ ଯେମିତି ଫସି ଯାଇଛି
ଗୋଟେ ଭୁଲ୍ ଭୁଲେୟାରେ ।

ଭିତରକୁ ଭିତରକୁ କେତେ ଭିତରକୁ
ଫସି ଯାଇଛି ଯେ
ନିଜକୁ ନିଜେ ଖୋଜି ପାଇନି ।

ତୁମେ ସେ କଳା ଜାଣିଥିଲ ବୋଧେ
ବୁଡି ନ' ବୁଡ଼ିବା
ଥାଇ ନ' ଥିବା
ଊର୍ଦ୍ଧ୍ୱବାହୁ, ଊର୍ଦ୍ଧ୍ୱ ଚେତନାରେ
ଭାସିବା ,
ତୁମର ଗୋଟିଏ କଥା
ଧର୍ମ ବାଟରେ ଚାଲୁଚାଲୁ
ଧର୍ମର ଶରଣ ନିଅ
ସଦା କାଳେ , ଗଲାବେଳେ ।

*– ଶ୍ରୀରାମ ନଗର*
*ଭୁବନେଶ୍ୱର*
*ମୋ: ୯୪୩୭୩୨୩୧୫୨*


## ବାପାଙ୍କ ଆକାଶ

**–କାମଦେବ ମହାରଣା**

**ଖୁ**ବ୍ ନିର୍ମଳ ବାପାଙ୍କ ଆକାଶ ।
ବେଳେବେଳେ ଗାଆଁ ପୋଖରୀ ପରି
ଆଉକେବେ ବେଲାଏ ବର୍ଷା ପାଣି
ପୁଣି କେବେ ସ୍ୱପ୍ନରେ ଚକଚକ
ଅମୃତ ଆଲୋକ ଧାରା ।

ଦିନେ ଦିନେ ବାପା
ଅନ୍ଧାର ଭିତରୁ
ଖୋଜି ଆଣନ୍ତି ଗିନାଏ ଛେନାପରି
ଗୋଟେ ଛାୟାପଥ
ତା'ଭିତରେ ଲୁହସଜଳ ଆଖିରେ
ଚାହିଁଥାଏ ଗୋଟେ ବୟସ୍କ ତାରା
ତାକୁ ଦେଖେଇ କୁହନ୍ତି
ହେଇ, ଦେଖି
ତୋ ଜେଜେ ରେ ପାଗଳା
ମୁଁ ବି ଦିନେ ସେଇଠି ଥିବି
ତୁ ବି ମୋ ପରି
ଦେଖାଉଥିବୁ
ତୋ ପରପିଢ଼ିଙ୍କୁ
ଆକାଶର ଇସାରା ।

*–ଯାନ୍ତ୍ରିକ ବିଭାଗ*
*ପୂର୍ବତଟ ରେଳପଥ*
*ପୁରୀ –୨, ମୋ: ୯୬୫୮୦୨୬୬୧୨*






ପୂଜା-ଆଲ୍ଲୁ

# ଏ ମନ ଖୋଜୁଥାଏ ଯାହା..

**କ**ଥାରେ ଅଛି-ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ପୂଜା ହେଗଡେ କେମିତି ଖୁସିରେ ଉଚ୍ଛୁଳୁଛନ୍ତି। କଥା କ'ଣ କି ସମାଜ ସେବା ଉପରେ ପର୍ଯ୍ୟବସିତ ଏକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ସେ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡିଛି। ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଭଲ ଲାଗିବ ବୋଲି ମୋର ଆଶା। ତାଛଡା ମୋର ଏଇ ସମାଜସେବୀ ଭୂମିକାକୁ ମୁଁ କିପରି ଭଲଭାବେ ସମ୍ପାଦନ କରିପାରିବି ସେଥିଲାଗି ଆଲ୍ଲୁ ଅର୍ଜୁନ ଦେଇଥିବା ଟିପ୍ସକୁ ମୁଁ କଦାପି ଭୁଲି ପାରିବି ନାହିଁ।' ପୂଜା ଅଭିନୟ କରିଥିବା ତଥା ଚଳିତ ବର୍ଷ ରିଲିଜ ଅପେକ୍ଷାରେ ଥିବା ଫିଲ୍ମଗୁଡିକ ମଧ୍ୟରେ ରହିଛି 'ସର୍କସ' ଏବଂ 'କଭି ଇଦ୍ କଭି ଦିୱାଲି'। ସୂଚନାଯୋଗ୍ୟ ଆଲ୍ଲୁ-ପୂଜା ଯୋଡିକୁ ନେଇ ନିର୍ମିତ ତେଲୁଗୁ ଫିଲ୍ମ 'ଆଲା ବୈକୁଣ୍ଠପୁରାମୁଲ୍ଲୁ' ୨୦୨୦ରେ ପରଦା ଉପରକୁ ଆସିଥିଲା ଏବଂ ତାହା ବକ୍ସ ଅଫିସରେ ସୁପରହିଟ୍ ହୋଇଥିଲା।

# ଆରମ୍ଭ ହେଲା ଦିନ ଗଣିବା

**କ**ରନ୍ ଜୋହରଙ୍କ ପ୍ରଯୋଜିତ ତଥା ବହୁ ପ୍ରତିକ୍ଷିତ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ରିଲିଜ ଡେଟ୍ ଫାଇନାଲ ହୋଇଛି। ଚିତ୍ରଟି ଚଳିତ ବର୍ଷ ସେପ୍ଟେମ୍ବର ୯ରେ ପରଦା ଉପରକୁ ଆସିବ। ହେଲେ ଏହି ଦିନକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସାଉଥ ମେଗା ଷ୍ଟାର ନାଗାର୍ଜୁନ। କାରଣ ଏହି ଫିଲ୍ମରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ନିକଟରେ ତାଙ୍କର ଫାଷ୍ଟ ଲୁକ୍ ଲୋକାର୍ପିତ ହେବା ପରେ ତାହା ବେଶ୍ ଭାଇରାଲ ହୋଇଛି। ତାଙ୍କର ଏଭଳି ଲୁକ୍‌କୁ ଦର୍ଶକ ପସନ୍ଦ କରିବା ପରେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଫିଲ୍ମର ନିର୍ଦ୍ଦେଶକ ଆର୍ଯ୍ୟନ ମୁଖାର୍ଜୀ। ସେପଟେ ନାଗାର୍ଜୁନ ଏସବୁ ଶ୍ରେୟ କରନ୍ ଏବଂ ଆର୍ଯ୍ୟନଙ୍କୁ ଦେଇଛନ୍ତି। ଏ ନେଇ ସେ କହନ୍ତି, 'ବ୍ରହ୍ମାସ୍ତ୍ର ଫିଲ୍ମରେ ମୋର ଫାଷ୍ଟ ଲୁକ୍ ରିଲିଜ ହେବା ପରେ ଭାଇରାଲ ହୋଇଛି। ମୋତେ ଏପରି ଏକ ଭୂମିକା ପାଇଁ ଚୟନ କରିଥିବାରୁ ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କୁ ମୁଁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ। ଫିଲ୍ମଟିକୁ ଦର୍ଶକ ପସନ୍ଦ କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି।' ଏହି ଫିଲ୍ମରେ ରଣବୀର କପୁର, ଆଲିୟା ଭଟ୍ଟ, ଅମିତାଭ ବଚ୍ଚନ,ମୌନି ରୟ, ଶାହରୁଖ ଖାଁ ମଧ୍ୟ ଅଭିନୟ କରିଛନ୍ତି।



'ବ୍ରହ୍ମାସ୍ତ୍ର' ଫିଲ୍ମରେ ନାଗାର୍ଜୁନ

# ଫଟୋଗ୍ରାଫିରେ ମନ

**କି**ଆରା ଆଡଭାନୀଙ୍କର ଏବେ ଗୋଟିଏ ଜିନିଷ ଆଡକୁ ମନ ଢ଼ଳିଛି। ତାହା କ'ଣ ଜାଣନ୍ତି ?ସେ ହେଉଛି ଫଟୋଗ୍ରାଫି। ଅର୍ଥାତ୍, ସେ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲୁ ନାହାନ୍ତି। ଶୁଟିଂରୁ ଫ୍ରି ହେବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଉଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡିକୁ ସେ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ କିଆରା କହନ୍ତି, 'ଏହି ଅଭ୍ୟାସ ମୋର ଏବେକାର ନୁହେଁ। ଗତ କିଛି ବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। ଉଠାଇଥିବା ଫଟୋଗୁଡିକୁ ଆଲବମ୍‌ରେ ରଖୁଛି। ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି।' ସେପଟେ କରନ୍ ଜୋହରଙ୍କ ନିର୍ମାଣାଧୀନ ଫିଲ୍ମ 'ଗୋବିନ୍ଦା ନାମ ମେରା'ରେ ତାଙ୍କୁ ଦେଖିବାକୁ ମିଳିବ। ଏହି ଚିତ୍ରରେ କିଆରାଙ୍କ ବ୍ୟତୀତ ଭିକି କୌଶଲ ଏବଂ ଭୂମି ପେଡେନକର ମଧ୍ୟ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖୈତାନ। ଅନ୍ୟପକ୍ଷରେ 'ଜୁଗଜୁଗ ଜିୟୋ'ରେ ବରୁଣ ଧାୱନଙ୍କ ନାୟିକା ସାଜିଛନ୍ତି କିଆରା।



କିଆରା

# ପ୍ରିୟେ, ତୁ ମୋର ସିଏ

**ଝି**ଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ପ୍ରିୟେ, ତୁ ମୋର ସିଏ'। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, ଆକ୍ସନ, କମେଡ଼ି ମଧ୍ୟ ରହିଛି। ଚିତ୍ରଟିର ପ୍ରଯୋଜନା କରୁଛନ୍ତି ଅଭିନେତ୍ରୀରୁ ପ୍ରଯୋଜିକା ସାଜିଥିବା ଝିଲିକ୍। 'ପ୍ରିୟେ, ତୁ ମୋର ସିଏ'ରେ ଅମ୍ଲାନ ନାୟକ ଭୂମିକାରେ ଥିବାବେଳେ ତାଙ୍କ ସହ ଏଲିନା, ବବି ମିଶ୍ର, ସୋମା ଭୌମିକ, ଅମର, ଗୁଡ୍ଡୁ, ଧରିତ୍ରୀ ଖଣ୍ଡୁଆଳ, ପୃଥ୍ୱୀରାଜ ନାୟକ, ଟିଲୁ ଭାଇ ଓ ଇଲୁ ବାନାର୍ଜୀଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏହା ସହ ଏହି ବ୍ୟାନରରେ 'ତୋର ମୋର କଟି' ନାମକ ଆଉ ଏକ ନୂଆ ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶୀତଲ, ଶୈଳେନ୍ଦ୍ର, ଟୁକୁନା, ଷ୍ଟାଇଲିଶ, ସୁଦୀପ୍ତ, କାଳିଆ ଷଣ୍ଢ, ଜୀବନ ପଣ୍ଡା, ଐଶ୍ୱର୍ଯ୍ୟା, ସୁଧାଂଶୁ ମୋହନ ସାହୁ, ଟୁଟୁ ନାୟକ ପ୍ରମୁଖ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ସଂଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପ୍ରେମାନନ୍ଦ। ବର୍ତ୍ତମାନ ଏହାର ଶୁଟିଂ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି।



ଅମ୍ଲାନ

# କାହାକୁ ଡରନ୍ତି ନୁସ୍‌ରତ

**ନୁ**ସ୍‌ରତ ଭରୁଚା କିଛି ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଆନ୍ତି ତେବେ ତାଙ୍କର ଅବସ୍ଥା ଖରାପ ହେଇଯାଏ। ହେଲେ ତାହା କ'ଣ ଜାଣିବେନି ? ସେ ହେଉଛି ଅସରପା ଓ ଝିଟିପିଟି। ଏକଦା ଏକ ଇନଡୋର ଶୁଟିଂବେଳେ ସେ ଅସରପାଟିଏ ଦେଖିଦେଲେ ଯେ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ଏ ନେଇ ନୁସ୍‌ରତ କହନ୍ତି, 'ସତ କଥା ହେଲା ଅସରପା ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡିଥିଲା। ପରେ ନିଜକୁ ପ୍ରସ୍ତୁତ କରି କ୍ୟାମେରା ସାମନା କରିବାକୁ ଯିବା ବେଳକୁ ମୋ ଆଖି ଗୋଟିଏ ଝିଟପିଟି ଉପରେ ପଡିଯାଇଥିଲା। ତା'ପରେ ମୁଁ ଡାଏଲଗ କହିବି କ'ଣ ଭୟରେ କ୍ୟାମେରା ସାମ୍ନାରୁ ଦୌଡି ପଳାଇ ଆସିଥିଲି।' ବର୍ତ୍ତମାନ ସେ ଅଭିନୟ କରିଥିବା 'ଜନହିତ ମେଁ ଜାରି' ରିଲିଜ ଅପେକ୍ଷାରେ ରହିଛି। ଏହାର ସ୍ପେଶାଲ ସ୍କ୍ରିନିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଜଣେ ବ୍ୟକ୍ତି ନୁସ୍‌ରତଙ୍କ ନିକଟକୁ ଆସି କହିଲେ ଯେ, ସେ ତାଙ୍କୁ ଫିଲ୍ମରେ ଚିହ୍ନିପାରିଲେ ନାହିଁ। ଏକଥା ଶୁଣି ଏହି ନାୟିକା ଟିକେ ଚମକି ପଡିଥିଲେ। ହେଲେ ବ୍ୟକ୍ତି ଜଣକ ତାଙ୍କ ସହ ମଜା କରୁଥିବା କହିବା ପରେ ନୁସ୍‌ରତଙ୍କ ମୁହଁରେ ଖୁସିର ଲହରି ଖେଳିଯାଇଥିଲା।



ନୁସ୍‌ରତ

## ପ୍ରଥମ ରୋଜଗାର

# ଘର ଲୋକଙ୍କୁ ଖାଇବାକୁ ଦେଇଥିଲି



ସାହିତ୍ୟିକା **ସୁବାସିନୀ ଶତପଥୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୁଁ ଷଷ୍ଠ ଶ୍ରେଣୀରେ ବଳଗଣ୍ଡି ସ୍କୁଲରେ ପଢୁଥାଏ। ଆମ ସ୍କୁଲର ପ୍ରଧାନଶିକ୍ଷକ ଉମା ମଉସା ମୋ' ନନାଙ୍କ ଘନିଷ୍ଠ ବନ୍ଧୁ ଥିଲେ। ହଠାତ୍ ସାର୍‌ଙ୍କର ହୃଦ୍‌ଘାତ ସ୍କୁଲରେ ହେଲା। ନନା ସେଠାରେ ଉପସ୍ଥିତ ଥିଲେ। ସେ ସାର୍‌ଙ୍କୁ ସଙ୍ଗେସଙ୍ଗେ ହସ୍ପିଟାଲ ନେଇଗଲେ କିନ୍ତୁ ସେଠାରେ ତାଙ୍କର ଦେହାନ୍ତ ହୋଇଗଲା। ତା'ପରେ ନନା ସାର୍‌ଙ୍କର ମରଶରୀରକୁ ତାଙ୍କ ଘର ଗୋପୀନାଥପୁରକୁ ନେଇ ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ। ବନ୍ଧୁ ବିୟୋଗରେ ନନା ଅଧା ଭାଙ୍ଗି ପଡିଥିଲେ। ଥରେ ଅନ୍ୟମନସ୍କ ହୋଇ ସାଇକେଲ ଚଳାଉଥିବା ବେଳେ ତାଙ୍କର ଆକ୍ସିଡେଣ୍ଟ ହେଲା। ଦୀର୍ଘଦିନ ଅଫିସ କାର୍ଯ୍ୟ କରିପାରିଲେନି। ଅଫିସ ଭୁବନେଶ୍ୱର ସଚିବାଳୟରେ ଥାଏ। ଦରମା ନ ମିଳିବାରୁ ଘରେ ଚଳିବା ଅସମ୍ଭବ ହୋଇପଡିଲା। କାରଣ ଆମେ ଥିଲୁ ଭାଇଭଉଣୀ ପାଞ୍ଚ। ବୋଉ ସରଳ ଗୃହିଣୀ। ତା'ସାଙ୍ଗକୁ ଭଡାଘର। ବନ୍ଧୁବାନ୍ଧବ ସବୁ ସୁଖର ସାଥି। ରୋଜଗାର ନଥିବାରୁ ଜେଜେବାପା ବି ଆମକୁ ଗାଁ ଘର ମନା କରିଦେଲେ, ଯାହାର କେହିନାହିଁ ତାକୁ ଠାକୁର ସାହା। ଆମ ଘର ପାଖରେ ଥିବା ରୁନୁ ନାନୀ ଘର କର୍ପୁର ମାଳି ଗୁନ୍ଥନ୍ତି। ଡଜନେ ମାଳି ଗୁନ୍ଥିଲେ ଦୁଇ ଟଙ୍କା। ସେହି କାମ ତାଙ୍କର ଭଲ ଚାଲିଥାଏ। ତାଙ୍କ ସାଙ୍ଗରେ ଯାଇ ମାଳି ଗୁନ୍ଥିବା କାମ ଶିଖିଲି ଆଉ ଆୟା ଦୋକାନରେ ମାଳି ଦେଇ ପଇସା ଆଣିଲି। ମନେ ଅଛି ପ୍ରଥମ ଦିନର ରୋଜଗାର ମୋର ବାର ଟଙ୍କା ହୋଇଥିଲା। ସେହି ପଇସାରେ ଘର ସଉଦା ଆଣିଥିଲି। ଆଉ ଘର ଲୋକଙ୍କୁ ପେଟ ପୂରାଇ ଖାଇବାକୁ ଗଣ୍ଡେ ଦେଇପାରିଥିବାରୁ ଭାରୀ ଖୁସି ଲାଗୁଥିଲା ସେଦିନ। କ୍ରମେ ଘରକୁ ମାଳି ଆଣି ବୋଉ ସହ ମିଶି ମାଳି ଗୁନ୍ଥିଲି। ତା'ସହିତ ବଳିତା ବୋଳିବା ଶିଖି ବଳିତା ବିକ୍ରୀ ମଧ୍ୟ କଲି। କଠୋର ପରିଶ୍ରମ କରୁଥିବା ଯୋଗୁଁ ଭଲ ରୋଜଗାର ହେଲା। ଘରେ ମତେ ଝିଅ ନୁହେଁ ବରଂ ବଡ଼ ପୁଅର ସମ୍ମାନ ଦେଉଥିଲେ। ପିଲାଟିଏ ହୋଇ ବି ମୋର କାମ କରିବାର ଆଗ୍ରହ ଓ ଇଚ୍ଛା ଦେଖି ସାହିପଡ଼ିଶା ଲୋକେ ମୋତେ ଖୁବ୍ ଆଦର କରୁଥିଲେ। ରବିବାର ଦିନ ସ୍କୁଲ ଛୁଟି ଥିବାରୁ କ୍ରମେ ସେଦିନ ବୋଉ ସହ ମିଶି ବଡ଼ି ପକାଇବା କାମ ମଧ୍ୟ ଆରମ୍ଭ କରିଦେଲି। ଦିନେ ସାହିର ଜଣେ ଦୋକାନୀ ଭାଇନା ମୋର ବଡ଼ି ପକାଇବା ଦେଖି କହିଲେ– ଆରେ ବାଃ! କି ସୁନ୍ଦର ଟିକି ଟିକି ବଡ଼ି ପାରୁଛୁ। ମୋ ପାଇଁ ଗଣ୍ଡେ ପାରିଦେବୁ। ମୁଁ କହିଲି, ଠିକ୍ ଅଛି କିନ୍ତୁ ଯଦି ତୁମ ଦୋକାନ ପାଇଁ ବଡ଼ି ଦରକାର ହେବ ତା'ହେଲେ କହିବ। ମୋ କଥା ଶୁଣି ସେ କହିଲେ, ହଉ ପ୍ରଥମେ କିଲେ ଦେ, ତା'ପରେ ଦେଖିବା। ସୌଭାଗ୍ୟକୁ ମୋ ବଡ଼ି ଭଲ ଲାଗିବାରୁ ଦୁଇ ଚାରି କିଲୋ ବଡ଼ି ବି ସେ ଅର୍ଡର କରି ନେଉଥିଲେ। ବର୍ଷାଦିନକୁ ଛାଡ଼ି ଦେଲେ ବାକି ସମୟରେ ବଡ଼ି ବିକ୍ରି ଭଲ ହେଉଥିଲା। ଏମିତି ଚାଲିଲା ମାଟ୍ରିକ ପର୍ଯ୍ୟନ୍ତ। ତା'ପରେ ସିଲେଇ ଶିଖି ସିଲେଇ କାମ କରିବା ସହ କିଛି ପିଲାଙ୍କୁ ଟ୍ୟୁସନ କରିବା ମଧ୍ୟ ଆରମ୍ଭ କଲି। ସମୟ ଗଡ଼ିବା ସହିତ ଧୀରେ ଧୀରେ ମୋ ଭାଇଭଉଣୀମାନେ ମଧ୍ୟ ଆତ୍ମନିର୍ଭରଶୀଳ ହୋଇଗଲେ। ସମସ୍ତେ ଏବେ ଖୁସିରେ ନିଜ ନିଜ ସ୍ଥାନରେ ଅଛନ୍ତି। ମୁଁ ବି ୟା' ଭିତରେ ସାହିତ୍ୟ କ୍ଷେତ୍ରରେ କିଛି ପାଦ ଆଗେଇ ଯାଇଛି। ସ୍ୱଚ୍ଛଳ ଚଳଣି ହେଉ ଅବା ସାମାଜିକ ଖ୍ୟାତି ଏବେ ସବୁକିଛି ମୋ ପାଖରେ ଅଛି ସତ, କିନ୍ତୁ ସେହି ପୁରୁଣା ଦିନର ଦୁଃଖ କଷ୍ଟ ଭରା ସମୟକୁ ମୁଁ କେବେ ବି ପାଶୋରି ପାରିବି ନାହିଁ।

## ସାଥୀ



# ପାଖରେ ନାହିଁ ମନର ସାଥୀ, ଭାବନାରେ ବିତେ ଚାନ୍ଦିନୀ ରାତି

**ପ୍ରଶ୍ନ:** ମୋ ପ୍ରେମିକା ମୋତେ କଥା ଦେଇ ଯାଇଛି ଯେ, ସେ ଶୀଘ୍ର ଫେରି ଆସିବ। ହେଲେ ଦିନ ପରେ ଦିନ ରାତି ପରେ ରାତି ବିତିଯାଉଛି। ହେଲେ ସେ ଫେରୁନି କାହିଁକି ? ସେ ମୋତେ ଧୋକା ଦେଇ ଚାଲି ଗଲାନି ତ ? *–ପ୍ରଭାତ କୁମାର, ବ୍ରହ୍ମପୁର*

**ଉତ୍ତର :** 'ପାଖରେ ନାହିଁ ମନର ସାଥୀ, ଭାବନାରେ ବିତେ ଚାନ୍ଦିନୀ ରାତି'। ପ୍ରେମରେ ସବୁଠାରୁ ବଡ କଥା ହେଲା ବିଶ୍ୱାସ। ପ୍ରେମିକା ଆପଣଙ୍କ ଉପରେ ବିଶ୍ୱାସ ରଖି କହିଯାଇଛି ଯେ, ସେ ଶୀଘ୍ର ଫେରିଆସିବ। ହେଲେ ଆପଣ ଉଲ୍ଲେଖ କରୁଛନ୍ତି ଯେ ଦିନ ଗଡିଚାଲିଛି ହେଲେ ସେ ଫେରୁନାହିଁ। ସେହି ସୁନ୍ଦରୀର ଠିକଣା ଆପଣଙ୍କ ପାଖରେ ନାହିଁ କି ? ଏବେ ତ ହାଇଟେକ୍ ଯୁଗ। ଅନ୍ତତଃ ମୋବାଇଲ ନମ୍ବର ଥିବ। ତେଣୁ ଭାବନା ରାଇଜରୁ ବାହାରି ଆସି ଯୋଗାଯୋଗ କରନ୍ତୁ। ହୁଏତ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଯିବେ।

**ପ୍ରଶ୍ନ:** ଜଣେ ସୁନ୍ଦରୀ ମନ ସହ ମୋ ମନ ମିଶି ଯାଇଛି। ମୋ ପ୍ରେମିକା ବର୍ଷାକୁ ଭାରି ଭଲ ପାଏ। ବର୍ଷାକୁ ନେଇ ତା' ପାଇଁ ଗୋଟିଏ କବିତା ଲେଖିଛି। ତାକୁ ସେ ଗ୍ରହଣ କରିବ ତ ?

*–ତାପସ ପ୍ରହରାଜ, ରାଉରକେଲା*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଛନ୍ତି ତାହାର ମନକୁ ଭଲ ଭାବରେ ନିଶ୍ଚୟ ପରଖି ନେଇଥିବେ। ସେ ବର୍ଷାକୁ ଭଲ ପାଏ। ପୁଣି ଆପଣ ବର୍ଷାକୁ ଆଧାର କରି କବିତା ଲେଖିଛନ୍ତି। ବାସ୍, ସେହି ଝିପି ଝିପି ବର୍ଷାକୁ ଶବ୍ଦରେ ପରିବର୍ତ୍ତନ କରି ନିଜ କବିତାକୁ ତାଙ୍କ ସାମନାରେ ଏମିତି ଅଜାଡି ଦିଅନ୍ତୁ ଯେମିତି ତାଙ୍କର ଲେଜି ଲେଜି ମନ କ୍ରେଜି ହୋଇଯିବ।

**ପ୍ରଶ୍ନ:** ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଏହି ସମୟରେ ତାକୁ ପ୍ରେମ ନିବେଦନ କଲେ କିଛି ଭୁଲ ହେବ କି ? *–ପ୍ରମୋଦ କୁମାର, ବାଲେଶ୍ୱର*

**ଉତ୍ତର :** ପ୍ରେମ ଆରମ୍ଭରୁ ଯଦି ଗୋଟିଏ ପାଦ ଆଗକୁ ଗୋଟିଏ ପାଦ ପଛକୁ ପକାଇବେ ତେବେ ସେଇଠି ହିଁ ଲଟକି ରହିଥିବେ। ତା' ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କାହିଁକି ? ଆପଣଙ୍କ ଆଖି ସହ ତା' ଆଖି ମିଶିଲେ ସେ ହସି ଦେଇ ଚାଲିଯାଉଛି। ବାସ୍, ଏପରି ସୁଯୋଗକୁ ଆଦୌ ହାତଛଡା କରନ୍ତୁ ନାହିଁ। କାରଣ ଚାନ୍ସ ଯଦି ଥରେ ଖସିଗଲା ତେବେ ପୁଣି ଥରେ ଆସିବ କି ନାହିଁ କିଏ କହିବ ? ତେଣୁ ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ଆପଣଙ୍କ ପ୍ରେମ ମିଶନ ସକସେସ୍ ହୋଇଯିବ।

**ପ୍ରଶ୍ନ:** ଥରେ ଟ୍ରେନ୍‌ରେ ଯିବା ବେଳେ ଜଣେ ଝିଅ ସହ ମୋର ଭେଟ ହେଲା। ସେହି ସମୟରେ ମୁଁ ତା' ପ୍ରେମରେ ପଡିଯାଇଥିଲି। ହେଲେ ପରେ ଜାଣିଲା ବେଳକୁ ସେ ମୋଠାରୁ ବୟସରେ ବଡ। ଏବେ କ'ଣ କରିବି ଜାଣିପାରୁନି। *–ଅମର ପରିଜା, କଟକ*

**ଉତ୍ତର :** ପ୍ରେମର ପ୍ରତି ଷ୍ଟେପ୍‌ରେ ରିସ୍କ ରହିଛି। ତେଣୁ ଦେଖିଚାହିଁ ପାଦ ପକାନ୍ତୁ। ଯଦି ସେ ଝିଅ ବୟସରେ ବଡ ଆଉ ଆପଣଙ୍କ ସହ ସେ ପ୍ରେମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ସେ ଆପଣଙ୍କଠାରୁ କେତେ ବଡ ତାହା ଜାଣି ନେବା ନିହାତି ଦରକାର। ନ ହେଲେ ବୟସର ତାରତମ୍ୟତା ଭବିଷ୍ୟତରେ ଟେନ୍‌ସନ୍‌ର କାରଣ ହୋଇ ଠିଆ ହେବ। ତେଣୁ ଭାବି ଚିନ୍ତି ଏ କ୍ଷେତ୍ରରେ ନିଷ୍ପତ୍ତି ନିଅନ୍ତୁ। କାହା ପରାମର୍ଶରେ ଆଗେଇଲେ ହୁଏତ ଅସୁବିଧା ସୃଷ୍ଟି ହୋଇପାରେ। ତେଣୁ ଭାବିଚିନ୍ତି ଏପରି ନିଷ୍ପତ୍ତି ନିଅନ୍ତୁ ଯେମିତି ଆପଣଙ୍କ ମନରେ ଖୁସିର ଲହରି ଖେଳିଯିବ।



# ୩୦୦ ବର୍ଷ ପରେ ଚର୍ଚ୍ଚାରେ ଔରଙ୍ଗଜେବ


**ଔରଙ୍ଗଜେବ; ଇତିହାସ କେବେ ତାଙ୍କୁ ଜଣେ ଶକ୍ତିଶାଳୀ ସମ୍ରାଟଭାବେ ତ କେବେ ଜଣେ ହିନ୍ଦୁଧର୍ମ ବିରୋଧୀ କ୍ରୂର ଶାସକ ଭାବେ ବର୍ଣ୍ଣନା କରେ। ତେବେ ତାଙ୍କ ମୃତ୍ୟୁର ୩୦୦ ବର୍ଷ ପରେ ଏବେ ପୁଣି ଥରେ ସେ ଚର୍ଚ୍ଚା ଓ ବିବାଦ ଘେରରେ...**


ମୋଗଲ ସାମ୍ରାଜ୍ୟର ସବୁଠାରୁ ପ୍ରଭାବଶାଳୀ ବାଦ୍‌ଶାହ ଥିଲେ ମୁହି ଅଲ୍‌-ଦିନ ମହମ୍ମଦ, ଯେକି ଔରଙ୍ଗଜେବ ଭାବେ ପରିଚିତ। ସେ ଥିଲେ ମୋଗଲ ସାମ୍ରାଜ୍ୟର ଷଷ୍ଠତମ ସମ୍ରାଟ। ଆକବରଙ୍କ ପରେ ଔରଙ୍ଗଜେବଙ୍କୁ ମୋଗଲ ସାମ୍ରାଜ୍ୟର ସବୁଠୁ ଶକ୍ତିଶାଳୀ ସମ୍ରାଟଭାବେ ଗଣନା କରାଯାଏ। ଦୀର୍ଘ ୫୦ ବର୍ଷ(୧୬୫୮ରୁ ୧୭୦୭ ମସିହା)ପର୍ଯ୍ୟନ୍ତ ସେ ଶାସନ କରିଥିଲେ। ତାଙ୍କ ଶାସନକାଳରେ ହିଁ ମୋଗଲ ସାମ୍ରାଜ୍ୟର ସବୁଠାରୁ ଅଧିକ ବିସ୍ତାର ଘଟିଥିଲା। ତା'ସହ ସେ ଅନେକ ବଡ଼ ବଡ଼ ପରିବର୍ତ୍ତନ ବି ଆଣିଥିଲେ। ହେଲେ କିଛି କାରଣ ପାଇଁ ଔରଙ୍ଗଜେବ ବିବାଦରେ ମଧ ରହୁଥିଲେ। ପ୍ରଥମତଃ ନିଜ ବାପାଙ୍କୁ କାରାଗାରକୁ ପଠାଇ ଓ ବଡ଼ ଭାଇଙ୍କୁ ହତ୍ୟା କରି ସେ ସିଂହାସନ ଅକ୍ତିଆର କରିଥିଲେ। ଅପରପକ୍ଷେ ଯେଉଁଠି ମୋଗଲ ସମ୍ରାଟ ଆକବର ଜଣେ ଧର୍ମନିରପେକ୍ଷ ସମ୍ରାଟ ଓ ଜାହାଙ୍ଗୀର କଳା ଓ ସ୍ଥାପତ୍ୟ ପ୍ରତି ରୁଚି ରଖୁଥିବା ଶାସକଭାବେ ପରିଚିତ ଥିଲେ ଔରଙ୍ଗଜେବ କିନ୍ତୁ ଜଣେ ଧର୍ମନିଷ୍ଠ ମୁସଲମାନ ଓ ନିଷ୍ଠୁର ଶାସକଭାବେ ପରିଚିତ ଥିଲେ। ସେ କଠୋର ଶରିୟା ଆଇନ ପ୍ରଚଳନ କରିବା ସହ ଅଣମୁସଲମାନମାନଙ୍କ ଉପରେ ଜଜିୟା କର ପୁନଃ ପ୍ରଚଳନ କରିଥିଲେ, ଯାହାକୁ ହିନ୍ଦୁମାନେ ସୁରକ୍ଷା ପାଇବା ବଦଳରେ ପ୍ରଦାନ କରୁଥିଲେ। ଇତିହାସରେ ତାଙ୍କୁ ଜଣେ କଳା ଓ ସଙ୍ଗୀତକୁ ଘୃଣା କରୁଥିବା ବ୍ୟକ୍ତିଭାବେ ମଧ ବର୍ଣ୍ଣନା କରାଯାଇଛି। ସେ ଅନେକ ହିନ୍ଦୁ ମନ୍ଦିର ନଷ୍ଟ କରିବାକୁ ଆଦେଶ ଦେଇଥିଲେ। ଏସବୁ ସେ ଶହ ଶହ ବର୍ଷ ପୂର୍ବେ କରିଥିଲେ।  କିନ୍ତୁ ଏଇ କିଛିଦିନ ହେବ ସେ ପୁନଃ ଘୃଣାର ଶିକାର ହେଉଛନ୍ତି। ଆଉ ଏହା ସେତେବେଳେ ଉପୁଜିଲା ଯେତେବେଳେ ବାରାଣସୀରେ ଥିବା ଜ୍ଞାନବାପି ମସ୍‌ଜିଦ୍‌ ଉପରେ ବିବାଦ ଘନେଇଲା। ଉକ୍ତ ମସ୍‌ଜିଦ୍‌ଟି ଷୋଡ଼ଶ ଶତାବ୍ଦୀର ପ୍ରସିଦ୍ଧ ବିଶ୍ୱନାଥ ମନ୍ଦିରର ଭଗ୍ନାବଶେଷ ଉପରେ ନିର୍ମିତ। ଆଉ ଏହି ମନ୍ଦିରକୁ ଔରଙ୍ଗଜେବଙ୍କ ଆଦେଶାନୁସାରେ ୧୬୬୯ରେ ଭଙ୍ଗା ଯାଇଥିବା କୁହାଯାଏ। ତେଣୁ ତାଙ୍କ ନାଁରେ ବିଭିନ୍ନ ନିନ୍ଦନୀୟ ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। କୋର୍ଟ ଫାଇଲରେ ବି ତାଙ୍କ ନାଁ ଦେଖିବାକୁ ମିଳୁଛି। ତା'ସହ ଏବେକାର ଅନେକ ରାଷ୍ଟ୍ରବାଦ ଶାସକ ତାଙ୍କୁ ଆବାହନ କରି ରାଜନୀତି ମଧ ଚଳାଇଛନ୍ତି।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣସୀ ଗସ୍ତରେ ଯାଇଥିବାବେଳେ ଔରଙ୍ଗଜେବଙ୍କ ସମ୍ପର୍କରେ କହିଥିଲେ ଯେ, 'ଖଣ୍ଡାର ଆତଙ୍କ ଦେଖାଇ ଔରଙ୍ଗଜେବ ସଭ୍ୟତାକୁ ବଦଳାଇବାକୁ ପ୍ରୟାସ କରିଥିଲେ। ଆଉ ଉଭଟତା ମାଧ୍ୟମରେ ସଂସ୍କୃତିକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ।' ସେହିଭଳି ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ମନା କରିଦେବାରୁ ମୁଣ୍ଡକାଟ କରାଯାଇଥିବା ଶିଖ୍‌ଗୁରୁ ତେଗ୍‌ ବାହାଦୁରଙ୍କ ୪୦୦ତମ ଜନ୍ମ ବାର୍ଷିକୀ ଅବସରରେ ମୋଦି କହିଥିଲେ, 'ଔରଙ୍ଗଜେବ ଅନେକ ମୁଣ୍ଡକାଟ କରିଥିଲେ, ତଥାପି ଆମର ବିଶ୍ୱାସକୁ ଦୋହଲାଇ ପାରି ନ ଥିଲେ।

ଏହାବାଦ ଏକ ସିରିଜ ଟୁଇଟ ମାଧ୍ୟମରେ ଐତିହାସିକ ଅଡ୍ରି ଟ୍ରୁଶ୍‌ଟସ୍କି କହିଛନ୍ତି ଯେ, 'ହିନ୍ଦୁ ରାଷ୍ଟ୍ରବାଦୀମାନେ ବିଶ୍ୱାସ କରନ୍ତି ଯେ, ଶହ ଶହ ବର୍ଷ ଧରି ମୁସଲମାନମାନେ ହିନ୍ଦୁଙ୍କ ଉପରେ ଅତ୍ୟାଚାର କରିଥିଲେ। ତେଣୁ ପ୍ରତିଫଳସ୍ୱରୂପ ଏବେ ସେମାନେ ଅତ୍ୟାଚାରିତ ହେବା ଯୋଗ୍ୟ।' ଅର୍ଥାତ୍‌ ଔରଙ୍ଗଜେବଙ୍କ ନାମ ନିଆଯାଇ ଏହା କୁହାଯାଉଛି ଯେ, ଇତିହାସରେ ଘଟିଥିବା କାରଣ ପାଇଁ ଆଜିକାର ମୁସଲମାନଙ୍କୁ ଘୃଣା କରିବା ଓ ତାଙ୍କ ଉପରେ ଅତ୍ୟାଚାର କରାଯିବାର ଯଥାର୍ଥତା ରହିଛି।'

ଏହି ଟୁଇଟର୍‌ ଡିସ୍‌କସନ୍‌ ହେବାପରଠାରୁ ଔରଙ୍ଗଜେବଙ୍କ ଉପରେ ଘୃଣାର ପାହାଡ ଗଦା ହୋଇଯାଇଛି। ଆଗ୍ରାର ମେୟର ତ ଔରଙ୍ଗଜେବଙ୍କୁ କଂସେଇ ସମ୍ବୋଧନ କରି ସର୍ବସାଧାରଣ ସ୍ଥାନରୁ ତାଙ୍କର ସମସ୍ତ ଚିହ୍ନ ଲିଭାଇ ଦିଆଯିବା ଉଚିତ ବୋଲି କହିଛନ୍ତି। ଟୁଇଟରରେ ଏହି ମୋଗଲ ସମ୍ରାଟଙ୍କୁ ଜଣେ ଆକ୍ରମଣକାରୀ ବୋଲି କୁହାଯାଉଛି ଯେକି, ହିନ୍ଦୁଙ୍କୁ ସମୂଳେ ନାଶ କରିବାକୁ ଚାହୁଁଥିଲେ। ତେଣୁ ଜଣେ ଟୁଇଟର ବ୍ୟବହାରକାରୀ ପରାମର୍ଶ ଦେଇ କହିଛନ୍ତି, 'ହିନ୍ଦୁଙ୍କ ପୂଜାସ୍ଥଳ ଉପରେ ମୋଗଲମାନେ ଯେଉଁସବୁ କୀର୍ତ୍ତିରାଜି ଗଢିଛନ୍ତି ସେ ସବୁ ଉପରେ ବୁଲ୍‌ଡୋଜର୍‌ ଚଢାଇ ଦେବା ଉଚିତ।'






ତେବେ ଅଲିଗଡ ମୁସ୍‌ଲିମ୍‌ ୟୁନିଭର୍ସିଟିରେ ମଧ୍ୟଯୁଗୀୟ ଇତିହାସର ପ୍ରଫେସର ଓ ଲେଖକଭାବେ କାମ କରୁଥିବା ଐତିହାସିକ ନଦିମ ରେଜାଭି କହନ୍ତି, 'ଔରଙ୍ଗଜେବ ଏକ ସହଜ ନାମ ହୋଇଯାଇଛି, ଯାହା ମାଧ୍ୟମରେ କିଛିବର୍ଷ ହେବ କେତେକ ବିଶୃଙ୍ଖଳିତ ହିନ୍ଦୁ ଜନତା ଦଳିତ ମୁସଲମାନଙ୍କ ଉପରେ ଆକ୍ରମଣ କରିଆସୁଛନ୍ତି। ତା'ସହ ସେ ଆହୁରି ମଧ କୁହନ୍ତି, 'ଯଦିଓ ଔରଙ୍ଗଜେବ ଅନେକ ହିନ୍ଦୁ ମନ୍ଦିରକୁ ଧ୍ୱଂସ କରିଥିଲେ ଓ ହିନ୍ଦୁଙ୍କ ଉପରେ ପକ୍ଷପାତି ଟିକସ ଲାଗୁ କରିଥିଲେ, ତଥାପି ସେ ସମ୍ପୂର୍ଣ୍ଣଭାବେ ଖରାପ ନ ଥିଲେ। ସେ ଅନେକ ହିନ୍ଦୁ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ଆଉ ତାଙ୍କ ରକ୍ତରେ ଦୁଇ ତୃତୀୟାଂଶ ଭାଗ ହିନ୍ଦୁ ଅଂଶ ଥିଲା। କାରଣ ଆକବର ଓ ତାଙ୍କ ଅଣ ଜେଜେବାପା ହିନ୍ଦୁ ରାଜପୁତଙ୍କୁ ବିବାହ କରିଥିଲେ। ତା'ଛଡା ଅନ୍ୟ ମୋଗଲ ଶାସନ କାଳ ଅପେକ୍ଷା ତାଙ୍କ ଶାସନ କାଳରେ ଉଚ୍ଚ ସୋପାନରେ ଅଧିକ ହିନ୍ଦୁ ରାଜପୁତ ଥିଲେ। ଆଉ ନିଜ ବ୍ୟକ୍ତିଗତ ଜୀବନରେ ସେ ଆଦୌ ମୌଳବାଦୀ ନ ଥିଲେ ବୋଲି ରେଜାଭି କୁହନ୍ତି। ସେ ସୁରା ପାନ କରିବାକୁ ପସନ୍ଦ କରୁଥିଲେ ତା'ସହ ହିନ୍ଦୁ ଦେବୀଙ୍କ ପ୍ରିୟ ବାଦ୍ୟ ବୀଣା ବଜାଇବାକୁ ବି ପସନ୍ଦ କରୁଥିଲେ। ଅନ୍ୟ ମୋଗଲ ସମ୍ରାଟଙ୍କ ଶାସନ କାଳ ଅପେକ୍ଷା ତାଙ୍କ ସମୟରେ ସେ ଅଧିକ ସଙ୍ଗୀତ ପୁସ୍ତକ ଲେଖାଇଥିଲେ। ରେଜାଭି ଆହୁରି ମଧ କୁହନ୍ତି, ସେ ତାଙ୍କ ରାଜନୈତିକ ବିଫଳତାକୁ ଘୋଡାଇବା ଓ ନିଜ ପ୍ରାଧିକାରକୁ ମଜଭୁତ କରିବା ଲାଗି ଧର୍ମର ସାହାରା ନେଇଥିଲେ। ଯେମିତିକି ଆଜିକାର ରାଜନୈତିକ ନେତା କରୁଛନ୍ତି।'

ଏସବୁ ପରେ ରେଜାଭି ପ୍ରଶ୍ନ କରିଛନ୍ତି ଯେ, ଯଦି ଔରଙ୍ଗଜେବ ଜଣେ କ୍ରୂର, ସାମ୍ପ୍ରଦାୟିକ ବ୍ୟକ୍ତି ଓ ମୌଳବାଦୀ ଥିଲେ, ଯେକି ହିନ୍ଦୁ ମନ୍ଦିରଗୁଡିକୁ ନଷ୍ଟ କରିଦେଇଥିଲେ। ସେହିଭଳି ବ୍ୟକ୍ତିଙ୍କୁ ଏବେ ଆମେ ଅନୁକରଣ କରିବା ଉଚିତ କି?

୩୦୦ ବର୍ଷ ପୂର୍ବେ ସେ ଜଣେ ସ୍ୱେଚ୍ଛାଚାରୀ ନିଷ୍ଠୁର ଶାସକ ଥିଲେ। କାରଣ ସେତେବେଳେ ଆଜିର ଆଧୁନିକ ଗଣତନ୍ତ୍ର ନ ଥିଲା କି ତାଙ୍କୁ ପଥ ଦେଖାଇବା ଲାଗି କୌଣସି ସମ୍ବିଧାନ ନ ଥିଲା। ହେଲେ ଏବେ ଆମେ ଭାରତୀୟ ସମ୍ବିଧାନ ଓ ସଂସଦର ନିୟମ ଦ୍ୱାରା ପରିଚାଳିତ। ତେଣୁ ଆମେ କେମିତି ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ କରାଯାଇଥିବା କୁକର୍ମକୁ ଅନୁକରଣ କରିବା ? ତେଣୁ ଯଦି କେହି ସେ ସମୟର ରାଜନୀତିକୁ ଏବେ ପ୍ରଶ୍ରୟ ଦେଉଛନ୍ତି, ତେବେ ସେ ସପ୍ତଦଶ ଶତାବ୍ଦୀରେ ଔରଙ୍ଗଜେବ କରିଥିବା ଅପରାଧଠାରୁ ବହୁଗୁଣରେ ବଡ଼ ଅପରାଧ କରୁଛନ୍ତି ବୋଲି ଧରାଯିବ।



## ମଡେଲ ମିରର୍

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



କେବଲ୍

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଫ୍ଲାଇଂ କିସ୍
ସ୍ତ୍ରୀ ସ୍ୱାମୀଙ୍କୁ: ଯଦି ତୁମକୁ କୌଣସି ସୁନ୍ଦରୀ ମହିଳା ଫ୍ଲାଇଂ କିସ୍ ଦେବେ, ତମକୁ କେମିତି ଲାଗିବ ?
ସ୍ୱାମୀ: ମତେ ବହୁତ ରାଗ ଲାଗିବ।
ସ୍ତ୍ରୀ (ଖୁସିରେ): ସତ !
ସ୍ୱାମୀ: ଏମିତି ଅଳସୁଆ ସ୍ତ୍ରୀ ଲୋକ ଉପରେ ରାଗିବିନି ତ ଆଉ କ'ଣ କରିବି ?

### ଛୁରୀ
ମଣ୍ଟୁ ଦୌଡି ଦୌଡି ରାଜେଶ ପାଖରେ ପହଞ୍ଚିବା ପରେ ରାଜେଶ:କ'ଣ ହେଇଛି କାହିଁକି ଏମିତି ଦୌଡୁଛୁ ?
ମଣ୍ଟୁ: ମୋ ଗର୍ଲଫ୍ରେଣ୍ଡ ମୋ ପଛରେ ପଡି ଯାଇଛି।
ରାଜେଶ: କ'ଣ କହୁଛୁ ତୁ ? ହେଲେ କାହିଁକି ?
ମଣ୍ଟୁ: ମୁଁ ସକାଳେ କହିଲି, 'ଦିଲ୍ ଚିର୍ କେ ଦେଖ୍ ତେରା ହି ନାମ ହୋଗା...'। ଆଉ ତା'ପରଠୁ ସେ ଛୁରୀ ଧରି ପଛରେ ଗୋଡଉଛି ଛାତି ଚିରିକି ଦେଖିବ ବୋଲି।

### କ'ଣ ଦିଏ
ଶିକ୍ଷୟିତ୍ରୀ ଗୋପୁକୁ: ଛୋଟ ମହୁମାଛି କ'ଣ ଦିଏ ?
ଗୋପୁ: ମହୁ।
ଶିକ୍ଷୟିତ୍ରୀ: ପତଳା ଛେଳି କ'ଣ ଦିଏ ?
ଗୋପୁ: ଖୀର
ଶିକ୍ଷୟିତ୍ରୀ: ଆଉ ମୋଟା ମଇଁଷି ?
ଗୋପୁ: ହୋମ୍‌ୱାର୍କ।

ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ବେଙ୍ଗାଲୁରୁ ନିକଟସ୍ଥ ସଙ୍ଗମ-ମେକେଦତୁ ନାମକ ସ୍ଥାନ ଦୁଇଟି ଆକର୍ଷଣୀୟ ଶୋଭା ପାଇଁ ପର୍ଯ୍ୟଟକଙ୍କୁ ସର୍ବଦା ଆକୃଷ୍ଟ କରିଆସିଛି। ଏଠାରେ ପ୍ରବାହିତ ନଦୀରେ ଗାଧୋଇବା ସହିତ ବୋଟିଂ, ଫିଶିଂ ତଥା ଟ୍ରେକିଂର ମଜା  ନେବାରେ ପର୍ଯ୍ୟଟକ ବେଶ୍ ଖୁସି ଅନୁଭବ କରିଥାନ୍ତି। ସେଥିପାଇଁ ଛୁଟିଦିନଗୁଡ଼ିକରେ ଏଠାରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳେ...






# ନଦୀର ଶୋଭାରେ ଶୋଭିତ ସଙ୍ଗମ-ମେକେଦତୁ



**ବେ**ଙ୍ଗାଲୁରୁଠାରୁ ପ୍ରାୟ ୯୩ କି.ମି ଦୂରରେ ରହିଛି ସଙ୍ଗମ ଏବଂ ମେକେଦତୁ ନାମରେ ଦୁଇଟି ଆକର୍ଷଣୀୟ ସ୍ଥାନ। ସପ୍ତାହନ୍ତ ଛୁଟି କଟାଇବା ପାଇଁ ଏହା ହେଉଛି ପରଫେକ୍ଟ ଡେଷ୍ଟିନେଶନ। ସଙ୍ଗମ ହେଉଛି ସେହି ସ୍ଥାନ; ଯେଉଁଠାରେ ଅରକାବତୀ ନାମକ ଏକ ନଦୀ କାବେରୀ ନଦୀ ସହ ମିଶିଛି। ଆଉ ସେହି ସ୍ଥାନରୁ ମାତ୍ର ୪ କି.ମି ଦୂରରେ ରହିଛି ମେକେଦତୁ; ଯେଉଁଠାରେ କାବେରୀ ନଦୀ ଆବଡ଼ାଖାବଡ଼ା ପଥର ଚଟାଣ ଦେଇ ପ୍ରବାହିତ ହେଉଛି। ଜନଗହଳିପୂର୍ଣ୍ଣ ପରିବେଶରୁ ଦୂରରେ ଥିବା ଏହି ସ୍ଥାନଟି ନିଜର ଆକର୍ଷଣୀୟ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଖାସ୍ ସେଥିପାଇଁ ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷତି ହୋଇଥାଏ।

**ନାମକରଣକୁ ନେଇ କିମ୍ବଦନ୍ତୀ:** ମେକେଦତୁ ହେଉଛି 'ମେକେ'ର ଏକ ବିକଶିତ ଶବ୍ଦ। କନ୍ନଡ ଭାଷାରେ ମେକେର ଅର୍ଥ ହେଉଛି ଛେଳି। କିମ୍ବଦନ୍ତୀ ଅନୁଯାୟୀ, ଆଜକୁ ବହୁ ବର୍ଷ ପୂର୍ବେ ଏକ ବାଘ ଗୋଟିଏ ଛେଳିକୁ ମାରିବା ପାଇଁ ଗୋଡ଼ାଉଥିଲା। ଭୟଭୀତ ହୋଇ ପଡିଥିବା ଛେଳିଟି ନିଜକୁ ବଞ୍ଚାଇବା ପାଇଁ ମେକେଦତୁରେ ଥିବା ଏହି ଆବଡ଼ଖାବଡ଼ା ପାହାଡ଼କୁ ଗୋଟିଏ ଲମ୍ଫରେ ପାର୍ ହୋଇଯାଇ ନିଜକୁ ବାଘ କବଳରୁ ରକ୍ଷା କରିବାରେ ସଫଳ ହୋଇଯାଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ମେକେଦତୁର ଏହି ପାହାଡ ଏତେ ଆବଡ଼ା ଖାବଡ଼ା ଥିଲା ଯେ, ଏହା ଉପରେ ସହଜରେ ଚାଲିବା ମଧ୍ୟ ବଡ଼ କଷ୍ଟକର। ତା'ଛଡ଼ା ଉକ୍ତ ପାହାଡ ମଧ୍ୟରେ ରହିଥିବା ଫାଙ୍କ(ଯାହା ମଧ୍ୟ ଦେଇ କାବେରୀ ନଦୀ ପ୍ରବାହିତ ହୋଇଥାଏ) ଗଭୀର ହେବା ସଙ୍ଗେସଙ୍ଗେ ଖୁବ୍ ଚଉଡ଼ା ମଧ୍ୟ ଥିଲା। ତେଣୁ ଏଭଳି କ୍ଷେତ୍ରରେ ଛେଳିଟିଏ କୁଦା ମାରି ଡେଇଁ ଚାଲିଯିବା ଘଟଣାଟି ସ୍ଥାନୀୟ ଲୋକଙ୍କୁ ବେଶ୍ ଆଶ୍ଚର୍ଯ୍ୟ ଚକିତ କରିଦେଇଥିଲା। ସେମାନେ ଏହି ଘଟଣାକୁ ଭଗବାନଙ୍କର ଏକ ଚମତ୍କାର ବୋଲି ମାନି ନେଇଥିଲେ। ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଏହି ସ୍ଥାନଟିର ନାଁ ମେକେଦତୁ ରଖାଯାଇଥିଲା ବୋଲି ବିଶ୍ୱାସ କରାଯାଏ। ସେହିପରି ଅରକାବତୀ ନଦୀ ଏବଂ କାବେରୀ ନଦୀର ସଙ୍ଗମସ୍ଥଳକୁ ସଙ୍ଗମ ନାଁରେ ଲୋକମୁଖରେ ପ୍ରଚାରିତ ହେବାକୁ ଲାଗିଥିଲା।

**କେବେ ଓ କେମିତି ଯିବେ:** ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଏହି ଆକର୍ଷଣୀୟ ସ୍ଥାନକୁ ବର୍ଷର ଯେ କୌଣସି ସମୟରେ ବୁଲିଯିବାର ସୁବିଧା ଥିଲେ ହେଁ, ସେପ୍ଟେମ୍ବରରୁ ଡିସେମ୍ବର ହେଉଛି ସବୁଠୁ ପ୍ରକୃଷ୍ଟ ସମୟ। କାରଣ ଏହି ସମୟରେ ସ୍ଥାନୀୟ ପାଣିପାଗ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ସେହିପରି ଏଠାକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ପ୍ରଥମେ ବେଙ୍ଗାଲୁରୁରେ ପହଁଞ୍ଚି ସେଠାରୁ କନକପୁରା ନାମକ ଏକ ସ୍ଥାନକୁ ଯିବାକୁ ହୋଇଥାଏ। ଏହାପରେ କନକପୁରାରୁ ସଙ୍ଗମ ପର୍ଯ୍ୟନ୍ତ ମୋଟରଗାଡ଼ିରେ ଯିବାର ସୁବିଧା ରହିଛି। କିନ୍ତୁ ତା'ପରେ ପର୍ଯ୍ୟଟକଙ୍କୁ ସ୍ୱତନ୍ତ୍ର ବୋଟ୍ ଦ୍ୱାରା ନଦୀ ପାର୍ ହୋଇ ମେକେଦତୁରେ ପହଁଞ୍ଚିବାକୁ ହୋଇଥାଏ। ପର୍ଯ୍ୟଟକ ଚାହିଁଲେ ନିଜସ୍ୱ ଗାଡ଼ି ଦ୍ୱାରା ମଧ୍ୟ ସଙ୍ଗମ ପର୍ଯ୍ୟନ୍ତ ଯାଇପାରିବେ।



**ବୋଟିଂ, ଫିଶିଂ ଓ ଟ୍ରେକିଂର ନିଆରା ମଜା:** ଯେହେତୁ ଏହି ସ୍ଥାନରେ ନଦୀ ରହିଛି ; ତେଣୁ ଏଠାରେ ପର୍ଯ୍ୟଟକ ବୋଟିଂ ସହିତ ଫିଶିଂ କରିବାର ନିଆରା ଅନୁଭୂତି ମଧ୍ୟ ଲଭିପାରିବେ। ଏଥିସହିତ ଏଠାରେ ଆବଡ଼ାଖାବଡ଼ା ପଥରର ପାହାଡ଼ ସାଙ୍ଗକୁ ଜଙ୍ଗଲିଆ ପରିବେଶ ଥିବାରୁ ଟ୍ରେକିଂ ବି କରିପାରିବେ। ଏହାଛଡ଼ା ନଦୀରେ ଗାଧୋଇବାର ଅପୂର୍ବ ଆନନ୍ଦ ମଧ୍ୟ ନେଇପାରିବେ।

**ଜରୁରୀ ସୂଚନା:** ଏଠାରେ ସନ୍ଧ୍ୟା ୫.୩୦ ପରେ ଆଉ ବୋଟିଂ ପାଇଁ ଅନୁମତି ଦିଆଯାଏ ନାହିଁ। ସେହିପରି ନଦୀରେ ପ୍ରଖର ସ୍ରୋତ ଥିବା ସମୟରେ ମଧ୍ୟ ଏଠାରେ ବୁଲାବୁଲି କରିବାକୁ ବାରଣ କରାଯାଇଥାଏ।





# ସଉକ ପାଇଁ ସାଜିଲେ କୁକୁର

ମଣିଷ ନିଜ ସଉକ ପୂରଣ କରିବା ଲାଗି ବେଳେବେଳେ ଟଙ୍କା ପାଣି ଭଳି ଖର୍ଚ୍ଚ କରିଦିଏ। ତେବେ ସେ ସଉକ ଅଜବ ହେଉ ପଛେ। ସେମିତି ଏକ ଅଜବ ସଉକ ଲାଗି ଜାପାନର ତୋକୋ ନାମକ ଜଣେ ବ୍ୟକ୍ତି ଚର୍ଚ୍ଚାରେ ଅଛନ୍ତି। ତୋକୋ ନିଜେ କୁକୁର ପରି ଦେଖାଯିବା ଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ସେ କୁହନ୍ତି, 'ପିଲାଦିନେ ମୋର ସବୁଠାରୁ ପ୍ରିୟ ପ୍ରାଣୀ ଥିଲା କୁକୁର। ଆଉ କୁକୁର ପରି ଜୀବନ ଜିଇଁବାକୁ ମୋର ବହୁତ ଇଛା ଥିଲା। ତା'ସହ କୁକୁର ପରି ଦେଖାଯିବାକୁ ବି ଚାହୁଁଥିଲି। ସେଇ ଇଛା ମୋର ଏବେ ପୂରଣ ହୋଇଛି।' ତୋକୋ ନିଜ ରୂପ ବଦଳାଇବା ଲାଗି ସ୍ପେଶାଲ ଇଫେକ୍ଟ ୱାର୍କଶପ୍ ଜିପେଟ୍ ସହ ସମ୍ପର୍କ କରିଥିଲେ। ଆଉ କୁକୁର ପରି କଷ୍ଟ୍ୟୁମ୍ ତିଆରି କରାଇଥିଲେ। କମ୍ପାନୀ ଉକ୍ତ କଷ୍ଟ୍ୟୁମ୍‌କୁ ୪୦ ଦିନରେ ତିଆରି କରିଥିଲା। ଏହାକୁ ତିଆରି କରାଇବା ଲାଗି ତୋକୋଙ୍କୁ ୧୧ ଲକ୍ଷ ୬୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ଏହି କଷ୍ଟ୍ୟୁମ ପିନ୍ଧିଲେ ତୋକୋ ପୂରାପୂରି ଏକ କୁକୁର ଭଳି ଦେଖାଯାଆନ୍ତି। ସିନ୍ଥେଟିକ ଫର୍ ବ୍ୟବହାର କରାଯାଇଥିବା ଏହି କଷ୍ଟ୍ୟୁମ୍‌କୁ ପିନ୍ଧିଲେ ତୋକୋଙ୍କୁ ସମସ୍ତେ ସତସତିକା କୁକୁର ବୋଲି ଭାବନ୍ତି। ତା'ସହ ତୋକୋଙ୍କର କୁକୁର ପରି ବ୍ୟବହାର, କାର୍ଯ୍ୟକଳାପ ତାଙ୍କ ଲୁକ୍‌କୁ ଜୀବନ୍ତ କରିଦିଏ।









## କାର୍ଟୁନ କର୍ନର





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଯେତେ ମାଠିବୁ ମାଠ



ବାଇଧର ଜେଜେ ଜମାରୁ ବାଜେ ଚିନ୍ତା ନକରି ସବୁବେଳେ ସମାଜର ହିତ ଚିନ୍ତା କରନ୍ତି । ଅବାଟରେ ଯାଇ ଅବାଗିଆ କାମକରି ନାଁ ପକାଉଥିବା ଯୁବଗୋଷ୍ଠୀଙ୍କ ପଥ ଓଗାଳି କେମିତି ଭଲବାଟକୁ ଅଣେଇବେ, କଳିଗୋଳ ନକରି ସମସ୍ତେ ସମସ୍ତଙ୍କୁ ଭଲପାଇ ଦୁଃଖରେ ସାହା ଭରସା ହେବେ, ପର ହିଂସା ଭୁଲି ପରସ୍ପର ମଙ୍ଗଳ ପାଇଁ ମନଦେବେ, ଏଇସବୁ ଭାବନା ମନରେ ମନ୍ଥନ କରୁଥାନ୍ତି । ବହୁ ଚିନ୍ତାକରି ଜାଣିଲେ.. ସବୁରି ମୂଳରେ ଶିକ୍ଷା । ଶିକ୍ଷା ଯେତେବେଳେ କୁଶିକ୍ଷା ଆଡକୁ ଯାଏ, ସେତେବେଳେ ସତଶିକ୍ଷା ଜରୁରୀ ହୋଇଯାଏ । ଆଜିକାଲି ଶିକ୍ଷାନୁଷ୍ଠାନରେ ପାଠବହି ଛଡା ନୈତିକ ଶିକ୍ଷା ମିଳୁନି । ପର ଦୁଖେ ମୋ ପରାଣ କାନ୍ଦୁ.. ପରୋପକାରେ ପର ସେବାରେ ମୋ ଜୀବନ ଯାଉ, ଏମିତିଆ ପ୍ରାର୍ଥନା ଗାନ କି ଶିକ୍ଷାଦାନ ମିଳୁନି । ବରଂ ପରଧନ ଅପହରଣରେ ବେଶି ମନ ବଳୁଛି । କୋଉଠି ଶିକ୍ଷକ ନାନା ପ୍ରକାର ନାଁ ପକା କାମକରି ଗୁରୁକୁଳ ତଥା ଶିକ୍ଷାବିଭାଗର ବଦନାମ କରାଉଛନ୍ତି । ସେଇଠି ଆପେ ଚୁପହୋଇ ନବସି କିଛି ମହତକାମରେ ମନବଳେଇବା ଭଲ । ତେଣୁ ବାୟା ଜେଜେ ସାରା ଜୀବନର ମେହେନତି କମେଇର ସଞ୍ଚିତ ଧନ ବିନିମୟରେ କିଛି ଭଲକାମ କରିବାର ସଂକଳ୍ପ କଲେ । ମଲାପରେ ସାଙ୍ଗରେ ଧନ ଯାଏନି.. ଯାଏ କର୍ମଫଳ । ତେଣୁ ତାଙ୍କ ଅଞ୍ଚଳ ଲୋକଙ୍କୁ ଜାଗ୍ରତ କରିବାକୁ ନିଜ ଗାଁରେ ଆରମ୍ଭକଲେ ସପ୍ତାହବ୍ୟାପି ଭାଗବତ ପାରାୟଣ । ହାତରୁ ପଇସା ସାରି ମାଇକିରେ ପ୍ରଚାର କଲେ । ପୋଷ୍ଟର ଛାପି ମାରିଲେ । ଲେଖି କହିଲେ ଯେ, ଆସନ୍ତା ଶନିବାର ଠାରୁ ଶୁକ୍ରବାର ଯାଏ ଭାଗବତ ସପ୍ତାହ ଓ ସନ୍ଥ ମହାରାଜ ଦିବ୍ୟାନନ୍ଦଙ୍କ ଦିବ୍ୟ ପ୍ରବଚନ ସାଙ୍ଗକୁ ମାଗଣାରେ ଦିବ୍ୟ ଭୋଜନର ସୁଯୋଗ ନିଅନ୍ତୁ । ପୋଷ୍ଟର ତଳେ ଲେଖିଲେ ସପ୍ତାହକ ପାଇଁ ଆମିଷ, ହିଂସା ବାଦ କଳିକରିବା ନିଷେଧ । ଯେମିତି ସ୍କୁଲରେ ଉପସ୍ଥାନ ବଢିବାକୁ ମାଗଣା ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଛି.. ଠିକ ସେମିତି ଅନ୍ନଦାନ ବ୍ୟବସ୍ଥା ।

ଢ଼େରେ ଟଙ୍କା ଖରଚାକରି ପରାୟଣ ପ୍ରବଚନ ଚାଲିଲା । ଯଦିଓ ପ୍ରବଚନ ମଣ୍ଡପ ଠାରୁ ଭୋଜନ ମଣ୍ଡପ ପ୍ରବଳ ଭିଡ଼ ହେଉଥିଲା, ତଥାପି ତିନିଦିନ ଯାଏ ସବୁ ଠିକ ଠାକ ଚାଲିଲା । ଆଶା ଓ ବିଶ୍ୱାସ ଥିଲା ଅଧିକରୁ ଅଧିକ ଲୋକ ପ୍ରବଚନ ଶୁଣି ଆପଣା ବଚନ ମଧୁର କରିବେ । ନିଷ୍ଠୁର ଗୁଣ ଛାଡି ଇଷ୍ଟଙ୍କ ଠି ନିଷ୍ଠାରଖି ପରହିତରେ ମନଦେବେ । ହେଲେ ଚତୁର୍ଥଦିନ ସବୁ ଭାବନାରେ ପାଣି ପଶିଗଲା । ହଠାତ ନେତୀ ନାନୀ ଓ ପିତେଇ ଖୁଡୀଙ୍କ ଭିତରେ ପ୍ରବଳ ଝଗଡା ଆରମ୍ଭ ହେଇଗଲା । କଳିହୁଡ଼ି ନେତୀ ନାନୀ ସବୁଦିନ କାହାସହ ଝଗଡା ନକଲେ, ତା ପେଟର ବଗଡ଼ା ଭାତ ଜୀର୍ଣ୍ଣ ହୁଏନି କି ତା ପିନ୍ଧା ଲୁଗା ଚିରେନି । ତିନି ଦିନ ହେଲା କାହାସହ କଳି ନକରି ତା ତୁଣ୍ଡ ଗନ୍ଧେଇଲାଣି.. ମୁଣ୍ଡ ବିନ୍ଧିଲାଣି । ଆଉ ସମ୍ଭାଳି ନପାରି ତା ଘର ଅଳିଆଗଦା ନେଇ ପିତେଇ ଖୁଡୀ ଅଗଣାରେ କୁଢେଇଦେଲା । ବିଚରା ଖୁଡୀ ଧର୍ମ ପ୍ରବଚନ ଶୁଣି ଧର୍ମ ଭାବନାରେ ଧୈର୍ଯ୍ୟ ଧରି ଅଳିଆଗଦା ନିଜହାତରେ ସଫାକଲା । ନେତୀ ମନେ ମନେ ଭାବିଲା.. ଏଁ ! ଇଏ କଣ ମତେ କିଛି କହିଲାନି । ହେଲେ କେମିତି ଝଗଡା କରିବ ? କଣ୍ଟାବାଡ଼ରେ ଲୁଗା ପକେଇ କଳି କରିବା ତା'ର ଦୀର୍ଘଦିନର ସଂସ୍କାର । ପିତେଇ ଖୁଡୀ କେତେବେଳେ ପଦାକୁ ବାହାରିବ ଅନେଇଥାଏ । ଭଡ଼େ ଦାଣ୍ଡକୁ ଭଡ଼େ ବାରିକି ଧାଉଁଥାଏ । ଖୁଡୀ ଯେମିତି ଦାଣ୍ଡକୁ ବାହାରିଲା, ତାକୁ ଦେଖି ନେତୀ ନାନୀ ଜୋରେ ଖଣ୍ଠି କାଶ ମାରିଲା । ଯେମିତି ଖୁଡୀ ତା ମୁହଁକୁ ଅନେଇଦେଇଛି.. ସେଇଠୁ ଆରମ୍ଭକଲା ନେତୀ ନାନୀ –

–ହାଇଲୋ ବୁଢ଼ୀ ମାଙ୍କେଡୀ ! କିଆଁ ମତେ ଏଡ଼େ ଏଡ଼େ ଆଖିକରି ଅନେଇଲୁ ଲୋ ?

––ମଲା ! ମୁଁ କିଆଁ ତେତେ ଚାହିଁବି ଲୋ ? ମୋର କଣ ବୁରୁତ ସରୁନି ନା ମୋ ଭାତ ହଜମ ହଉନି ଯେ... ତୋ ସହ ପାଟି କରିବି ? ଚୁପ ରହ ।

––ଆଲୋ ହେ ! ତୁ କିଏ ମତେ ଚୁପ କରେଇବାକୁ ? ହାଇଲୋ ହନୁମୁହିଁ.. ହେ ପୁତୁଖାଇ.. ହେ ଛତର ଖାଇ.. କଣ ମୋ କଥା ଶୁଭୁନି ? ତୋ କାନ ଫୁଟି ଯାଇଛି ? ତୁ କିଏ ମତେ କହିବାକୁ ?

ବିଚରା ପିତେଇ ଖୁଡୀ ସହେ କେତେକେ ? ଆରମ୍ଭକଲା.. ଆଲୋ ହେ ଛୋଟ ଲୋକଘର ଝିଅ.. ହେ ହାଣ୍ଡିଖାଇ.. ହେ ବାଟହଗୁରୀ .. ହେ ବଂଶ ଖାଇ ! ମରୁନୁ ତୁ । ଇତ୍ୟାଦି.... ।

ଏ କଥା ଶୁଣି ନେତୀ ଡାକଛାଡିଲା ତା ଗିରସ୍ତକୁ.. ଆରେ ହେ ମାଇଚିଆ ? ଘର ଭିତରେ କଣ ପଶିଚୁ.. ପଦାକୁ ବାହାରି ଆ.. । ଏଥର ଉଭୟଙ୍କ ପତି ପରମେଶ୍ୱର, ପତ୍ନୀଙ୍କ କୁହାଟରେ ଦାଣ୍ଡରେ ହାଜର । ଚାଲିଲା ପାଟି ତୁଣ୍ଡ ।

ନିଜ ନିଜ ପିଲାମାନେ ଅଣ୍ଟାରେ ଲୁଗା ଭିଡି ଆରମ୍ଭକଲେ ମାଡ଼ଗୋଳ । ପାଖରେ ମଣ୍ଡପରେ ପ୍ରବଚନ ଶୁଣୁଥିବା ଶହେ ଦେଢ଼ ଶ ' ମାଇପି ମରଦ ପାଟି ଶୁଣି ଧାଇଁଲେ । କିଏ ପିତେଇ ଖୁଡୀ ପଟିଆ ତ କିଏ ନେତୀ ନାନୀ ସପକ୍ଷରେ ଯୁକ୍ତିତର୍କ ପିଟା ପିଟି ଜମେଇଲେ । ମାଡି ଆସିଲେ ମଣ୍ଡପଆଡକୁ । କିଏ ମାଇକି ଷ୍ଟାଣ୍ଡ ଧରି ଧାଇଁଲା ତ କିଏ ଚେୟାର ଧରି ଫିଙ୍ଗି ପିଟିଲା । ମୂଳକାରଣ ନବୁଝି ଥୋଡେ ହାତ ସୁଖ କରିଚାଲିଲେ । ଫିଙ୍ଗା ଫୋପଡ଼ା କଲେ , ଯେମିତି ଆମ ଦେଶରେ କିଛି ନବୁଝି ହୋ ରେ ମାତି ଟେକା ପଥର ମାଡକରନ୍ତି । ଆଉ ଦଳେ ଭଲ କଥା ଭାବିବା କରିବାକୁ ସମୟ ସିନା ନଥାଏ, ହେଲେ କୋଉ ସ୍ୱାମୀ –ସ୍ତ୍ରୀ କଳିରେ ମୁଣ୍ଡ ପୂରେଇ ଯେମିତି ସମୟ ବର୍ବାଦ କରନ୍ତି । ମାନସିକ ଅଶାନ୍ତି ଶରୀର ପୀଡାକୁ ହୁଇସିଲ ମାରି ଡାକିଥାନ୍ତି । ତେଣେ ପାଟି ତୁଣ୍ଡ ମାଡ ଗୋଳ ମଞ୍ଚଯାଏ ମାଡି ଆସିବାରୁ ସାଧୁ ଦିବ୍ୟାନନ୍ଦ ପ୍ରାଣବିକଳରେ ପ୍ରବଚନ ଛାଡି ଧାଇଁ ପଳେଇଲେଣି ।

ବୁଝିଲାବେଳକୁ କଥା କିଛିନାହିଁ । ନେତୀ ନାନୀ ଜିଭ ଖଲ ଖଲ ହେଉଥିଲା କାହାସହ କଳି କରିବାକୁ । କିନ୍ତୁ ତିନିଦିନହେଲା ସମସ୍ତେ ପ୍ରବଚନ.. ଭୋଜନରେ ବ୍ୟସ୍ତ ରହୁଥିବାରୁ ସୁଯୋଗ ନପାଇ ଆଜି ପିତେଇ ଖୁଡୀର ପିତ ନିଗାଡ଼ିବାକୁ ନାନୀର ଏ କଳି ଆୟୋଜନ ।

ଆହା.. ! ବିଚରା ବାୟା ଜେଜେଙ୍କ ଦିବ୍ୟଜ୍ଞାନ ପ୍ରଦାନ.. ସମାଜ ସୁଧାରିବା ଆୟୋଜନ ଅଧାବିଧାରେ ରହିଗଲା । ଖାଲି ଜେଜେଙ୍କ ଦେଢ଼ଲକ୍ଷ ଟଙ୍କା ବରବାଦୀ ହେବା ଲାଭ ମିଳିଲା..... ।

*ମଙ୍ଗରାଜପୁର, ପୁରୀ*
*ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଅସ୍ତରାଗ

**ଲେଖକ–ଯଶୋବନ୍ତ ସେଠୀ**
**ପ୍ରକାଶକ–ବସନ୍ତ ମାଝି**
**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର**
**ମୂଲ୍ୟ–୧୦୦ଟଙ୍କା**

ଅସ୍ତରାଗ ଯଶୋବନ୍ତ ସେଠୀଙ୍କ ଗଳ୍ପ ପୁସ୍ତକ। ଏଥିରେ ୨୧ଟି ଗପ ରହିଛି। ଗପଗୁଡ଼ିକରେ ହସ, କାନ୍ଦ, ଜୟ ଓ ପରାଜୟର କଥା ରହିଛି। ଯାହା ପାଠକଙ୍କୁ ନିଆରା ଖୋରାକ ଯୋଗାଉଛି। ଅନେକ ସୁନ୍ଦର କାହାଣୀକୁ ନେଇ ଲେଖକଙ୍କ ସୃଷ୍ଟି ସମ୍ଭାର । କିନ୍ତୁ ବହୁ ଗପରେ ରହିଛି କାରୁଣ୍ୟ ସହ ହାସ୍ୟରସ। ପ୍ରଥମେ ଗପଗୁଡିକ ହାଲୁକା ଲାଗିପାରେ କିନ୍ତୁ ଭିତରକୁ ପ୍ରବେଶ କଲେ ଦୁଃଖୀରଙ୍କୀଙ୍କ ମୁହଁରେ ହସ ଫୁଟାଇବା




ଲାଗି ନିଆରା ପ୍ରୟାସ ବୋଲି ପାଠକ ଦେଖିବାକୁ ପାଇବେ। ଗାଳ୍ପିକଙ୍କର କୌଣସି ଚରିତ୍ରକୁ ଚିତ୍ରଣ କରିବାରେ ଯେଉଁ କଳା ବା କୌଶଳ ଆବଶ୍ୟକ ତାହା ଯଶୋବନ୍ତଙ୍କ ଗପରେ ଫୁଟିଉଠେ। ଗପର ସାର୍ଥକତା ଲାଗି ସେଥିରେ ଥିବା ଅନ୍ତର୍ନିହିତ ସମ୍ବେଦନାର ଫଲ୍‌ଗୁଧାରା ଏକାନ୍ତ ଆବଶ୍ୟକ। ତେଣୁ କହିବାକୁ ଗଲେ ଲେଖକଙ୍କ ପାଖରେ ଯଥେଷ୍ଟ ସମ୍ଭାବନା ପରିଲକ୍ଷିତ ହେଉଛି। ତାହା ନିଃସନ୍ଦେହ ।

### 'ସେ'...

**ଲେଖିକା–ମାନି ଦାଶ**
**ପ୍ରକାଶକ–ଏଥେନା ବୁକ୍‌ସ, ଭୁବନେଶ୍ୱର**
**ମୂଲ୍ୟ–୧୮୦ଟଙ୍କା**

'ସେ'... ମାନି ଦାଶଙ୍କ କବିତା ପୁସ୍ତକ । ଏଥିରେ ୮୪ଟି କବିତା ସ୍ଥାନ ପାଇଛି। ଆମ ଜୀବନରେ ଘଟି ଯାଉଥିବା ଘଟଣାବଳୀକୁ ନେଇ କବୟିତ୍ରୀ ଯେଉଁ କବିତାଗୁଡିକୁ ରଚନା କରିଛନ୍ତି ତାହା ଅତ୍ୟନ୍ତ ସମୟ ଉପଯୋଗୀ। ଦୈନନ୍ଦିନ ଜୀବନରେ ନାନାଦି ଉପଲବ୍ଧି ହିଁ ତାଙ୍କ ସୃଜନ ଆକାଶର ଧ୍ରୁବତାରା। ସମକାଳୀନ ଚିନ୍ତାଧାରାରେ ଲେଖିକା ଯେଉଁ କବିତାଗୁଡିକୁ





ରଚନା କରିଛନ୍ତି ତାହା ସମୟ ଉପଯୋଗୀ। କବିତାଗୁଡିକରେ ରହିଛି ଘଟଣା, ଦୁଃଖ ଓ ଅଭାବବୋଧ ତଥା ସଂଘର୍ଷର ଚିତ୍ରରୂପ। ଜୀବନ ପାଇଁ ଭଲ ପାଇବା ଓ ମୃତ୍ୟୁ ଲାଗି ଲୁହ ସାଉଁଟିବା ତାଙ୍କ କବିତାଗୁଡ଼ିକରେ ମହତ୍ତ୍ୱ ରଖେ। ପୁସ୍ତକଟିର ପ୍ରତି କବିତାଗୁଡିକ ସମାଜସେବୀ, ସଂସ୍କାରଧର୍ମୀ। କବିତାଗଡ଼ିକ ପାଠକଙ୍କୁ ଭିନ୍ନ ପ୍ରେମାନୁଭବ ଦେବ ବୋଲି ବିଶ୍ୱାସ । ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।

### ଆମ ଭବିଷ୍ୟତ କେତେ ସୁରକ୍ଷିତ!

**ଲେଖକ–ପ୍ରଫୁଲ୍ଲ ସାମନ୍ତରା**
**ପ୍ରକାଶକ–ଲୋହିଆ ଏକାଡେମୀ**
**ଭୁବନେଶ୍ୱର, ମୂଲ୍ୟ–୪୦୦ଟଙ୍କା**

ଆମ ଭବିଷ୍ୟତ କେତେ ସୁରକ୍ଷିତ! ପୁସ୍ତକର ଲେଖକ ପ୍ରଫୁଲ୍ଲ ସାମନ୍ତରା। ଏଥିରେ ଆମ ଭବିଷ୍ୟତ ପିଢ଼ି ବା ଆମ୍ଭେମାନେ କେତେ ସୁରକ୍ଷିତ ସେ ବିଷୟରେ ପୁସ୍ତକରେ ଲେଖକ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି। ସ୍ଥାନୀୟଠାରୁ ଆରମ୍ଭ କରି ବିଶ୍ୱ ଯାଏ ଘଟୁଥିବା ଘଟଣାବଳୀର ପ୍ରତିଫଳନ ଦେଖିବାକୁ ମିଳିଛି। ଚେଇଁ ଶୋଇଥିବା ମଣିଷମାନଙ୍କୁ ଚେତେଇ ଦେବାପାଇଁ କିଛି ଆନ୍ତରିକତାପୂର୍ଣ୍ଣ ଆହ୍ୱାନ ପୁସ୍ତକରେ ରହିଛି।




ଆମ ଭବିଷ୍ୟତ ଆଦୌ ସୁରକ୍ଷିତ ନୁହେଁ। ଏକଥା ବହି ପଢ଼ିଲେ ନିଶ୍ଚୟ ଅନୁମେୟ ହେବ। ଦୁନିଆରେ ଆମେ କିଭଳି ସୁସ୍ଥ ଏବଂ ସୁରକ୍ଷିତ ଜୀବନଯାପନ କରି ପାରିବା ସେ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ସ୍ଥାନୀୟଠାରୁ ଆରମ୍ଭ କରି ରାଜ୍ୟ, ଦେଶ ଓ ବିଶ୍ୱଯାଏ ଯେଉଁ ପରିସ୍ଥିତି ବା ଘଟଣାବଳୀ ଲେଖକଙ୍କୁ ଆନ୍ଦୋଳିତ କରିଛି ତାହା ପୁସ୍ତକରେ ସ୍ଥାନିତ ହୋଇଛି। ଆଶା ପୁସ୍ତକଟି ଭବିଷ୍ୟତ ପିଢ଼ିଙ୍କ ଲାଗି ଅମୂଲ୍ୟ ରତ୍ନ ହୋଇ ରହିବ ।



# ଗୋଲ୍ଡେନ ଟ୍ରି

ପ୍ରକୃତି ଅନେକ ବିସ୍ମୟରେ ଭରି ରହିଥାଏ। ସେହିଭଳି ଏକ ବିସ୍ମୟ ଚାଇନାର ଝୋଙ୍ଗନାନ ପର୍ବତ ଉପରେ ଥିବା ଗୁ ଗୁଆନ୍ୟିନ୍ ବୁଦ୍ଧ ମନ୍ଦିରରେ ଦେଖିବାକୁ ମିଳେ। ଏଠାରେ ଅଛି ଏକ ୧୪୦୦ ବର୍ଷ ପୁରାତନ ଗଛ, ଯାହା 'ଗୋଲ୍ଡେନ ଟ୍ରି' ବା 'ଜିଙ୍କଗୋ' ନାମରେ ପରିଚିତ। ପତ୍ରଝଡା ସମୟରେ ଏହି ଗଛର ପତ୍ରସବୁ ସୁନେଲି ରଙ୍ଗରେ ପରିବର୍ତ୍ତିତ ହୋଇଯାଏ। ଲାଗେ ସତେଯେମିତି ଗଛଟି ସୁନାର ପତ୍ରରେ ଲଦି ହୋଇ ରହିଛି। ଗଛରେ ଏହି ସୁବର୍ଣ୍ଣ ପତ୍ର ୨୦ଦିନ ରହିବା ପରେ ଝଡିବା ଆରମ୍ଭ ହୁଏ। ଗଛର ଚତୁଃପାର୍ଶ୍ୱ ସୁନେଲି ହୋଇଯାଏ। ଆଉ ଏକ ଦିବ୍ୟ ବାତାବରଣ ସୃଷ୍ଟି କରେ। ଏହି ଦୃଶ୍ୟ 'ଅଟମନ୍ ଗୋଲ୍ଡ' ନାମରେ



ପରିଚିତ। ଏହାକୁ ଦେଖିବା ଲାଗି ପ୍ରତିବର୍ଷ ପ୍ରାୟ ୬୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଆସନ୍ତି। ଅନ୍‌ଲାଇନ୍ ବୁକିଂର ବ୍ୟବସ୍ଥା ବି ଅଛି। କୁହାଯାଏ ଏହି ଗଛକୁ ଟାଙ୍ଗ୍ ରାଜବଂଶ ଉକ୍ତ ମଠରେ ଲଗାଇଥିଲେ। ଆଉ ମଠର ସକାରାତ୍ମକ ଉର୍ଜା ଗଛଟିକୁ ବଞ୍ଚାଇ ରଖିଥିବା ବିଶ୍ୱାସ କରାଯାଏ। ଉକ୍ତ ଗଛର ପତ୍ରକୁ ଚାଇନାରେ ଔଷଧ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ।

# ବୋତଲ ଭିତରେ କାରିଗରି

କଳାକାର ଯେକୌଣସି ଜିନିଷକୁ ସୁନ୍ଦର କଳାକୃତିରେ ପରିଣତ କରିପାରନ୍ତି। ଚାଇନାର ଜିଆଙ୍ଗ ଦୁଆନ୍ ହେଉଛନ୍ତି ସେମିତି ଜଣେ କଳାକାର, ଯେକି ଛୋଟ ଛୋଟ ବୋତଲ ଭିତରେ ସୁନ୍ଦର ସୁନ୍ଦର ପେଣ୍ଟିଂ କରିପାରନ୍ତି। ତାଙ୍କର ଏହି ଦକ୍ଷତା ସମସ୍ତଙ୍କଠାରୁ ବେଶ୍ ନିଆରା। ଛୋଟିଆ ସରୁ ବ୍ରଶକୁ ଛୋଟ ଛୋଟ ବୋତଲ ଭିତରେ ପୁରାଇ ସୁନ୍ଦର ପ୍ରାକୃତିକ ଦୃଶ୍ୟ ସହ ଅନେକପ୍ରକାରର ଆକର୍ଷକ ପେଣ୍ଟିଂ ସେ କରିପାରନ୍ତି। ଏହି ସୂକ୍ଷ୍ମ କାରିଗରୀ କରିବା ଲାଗି ବ୍ୟବହାର କରୁଥିବା ସ୍ୱତନ୍ତ୍ରଧରଣର ବ୍ରଶକୁ ସେ ନିଜେ ତିଆରି କରିଛନ୍ତି। ଅସୀମ ଧୈର୍ଯ୍ୟ ଓ ଏକାଗ୍ରତାର ଦ୍ୱାରା ପ୍ରସ୍ତୁତ ହେଉଥିବା ଏହି କାରିଗରି ସମସ୍ତଙ୍କୁ ଚକିତ କରିଦିଏ।










ବ୍ୟାକ୍ ପେଜ୍

# ସିଂହର ଷ୍ଟ୍ରେଟ୍ ବ୍ୟାଙ୍ଗ ହେୟାରଷ୍ଟାଇଲ୍



ସିଂହର ଲମ୍ବା ଲମ୍ବା କେଶ ତା'ର ପରାକ୍ରମତାର ପରିଚୟ ଦିଏ। ଏହା ତା'ର ବ୍ୟକ୍ତିତ୍ୱକୁ ବଳିଷ୍ଠ କରାଏ। ତେବେ ନିକଟରେ ଚାଇନାର ଏକ ଚିଡିଆଖାନାରେ ଏକ ସିଂହର ଅଜବ କେଶ ଦେଖିବାକୁ ମିଳିଛି, ଯାହାକୁ ଦେଖିଲେ ଲାଗିବ ସତେ ଯେମିତି ସିଂହକୁ ସେଲୁନରେ ହେୟାର୍ କଟ୍ କରାଯାଇଛି। କାରଣ ଏହି ସିଂହର କେଶ ଦେଖିବାକୁ ଛୋଟ ଝିଅମାନେ କରୁଥିବା ଷ୍ଟ୍ରେଟ୍ ବ୍ୟାଙ୍ଗ ହେୟାର ଷ୍ଟାଇଲ୍ ପରି। ତେଣୁ ଅନେକେ ଭାବନ୍ତି ସିଂହର କେଶକୁ ପୁଣି କିଏ ଏଭଳି କାଟିପାରିଲା। ତେବେ ଚିଡିଆଖାନା କର୍ତ୍ତୃପକ୍ଷ କହନ୍ତି, କେହି ବି ସିଂହର କେଶ କାଟି ହେୟାରଷ୍ଟାଇଲ୍ କରିନାହାନ୍ତି। କାରଣ ଏହି କାମ ବହୁତ ବିପଜ୍ଜନକ। ହେଲେ ଅନେକେ ଚିଡିଆଖାନାର କର୍ତ୍ତୃପକ୍ଷଙ୍କୁ ହିଁ ଏଭଳି କାର୍ଯ୍ୟ ପାଇଁ ଦୋଷାରୋପ କରୁଛନ୍ତି। ହେଲେ ଅନେକଙ୍କ ମତରେ ଏଭଳି କେଶ ହେବା ପଛର କାରଣ ହେଉଛି ସେହି ଅଞ୍ଚଳର ଆର୍ଦ୍ରତା।

